ଧରିତ୍ରୀ
DHARITRI
September 12-18, 2021 ₹ 2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

## ଏବେ ଅଲୋଡ଼ା

ନାଟକ ଚରିତ୍ରର ପରିଚୟରେ ଏମାନେ ପରିଚିତ । ତାଙ୍କୁ ନେଇ ଗର୍ବ କରେ ତାଙ୍କ ଗାଁ, ଅଞ୍ଚଳ । ହେଲେ ଏମାନଙ୍କ ପାଇଁ ଏବେ ଭାବିବାକୁ ଯେମିତି କେହି ନାହିଁ । ଦିନେ ସମସ୍ତଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି କଳାକାରମାନେ ଏବେ ଅଲୋଡ଼ାପ୍ରାୟ...



୪

ସିନେମା
୮/୯



# ବାସ୍ତୁ ଅନୁସାରେ ଶୋଇବା ଘର

ସ୍ୱାସ୍ଥ୍ୟ ପାଇଁ ବହୁତ ଆବଶ୍ୟକ ଶୋଇବା। ଶୋଇବା ଘର ଏପରି ଏକ ସ୍ଥାନ, ଯେଉଁଠି ପାଦଦେବା ମାତ୍ରେ ଲାଗେ ଦୁନିଆର ସବୁ ସୁଖ ଗୋଟିଏ ପାଖରେ ତ ଶୋଇବା ଘର ଗୋଟିଏ ପାଖରେ, ତେଣିକି ସେ ଘର କୁଡିଆ ହେଉ କି ମହଲା ଏପରିକି ଯେତେବେଳେ ସୁଖୀ ଦାମ୍ପତ୍ୟ କଥା ଉଠେ ସେତେବେଳେ ମଧ୍ୟ ଶୋଇବା ଘରର ଭୂମିକା କିଛି କମ୍ ନୁହେଁ ବୋଲି କୁହାଯାଇପାରେ। ତେବେ ବାସ୍ତୁ ଅନୁସାରେ ଶୋଇବା ଘର କେମିତି ହେବା ଦରକାର ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ଦାମ୍ପତ୍ୟ ସୁଖ ପାଇଁ ଶୋଇବା ଘର ଦକ୍ଷିଣ ପଶ୍ଚିମ କୋଣରେ କରିବା ଦରକାର।

*ଏହି ଘରେ ସୁମଧୁର ସଙ୍ଗୀତ ବଜାଇଲେ କୁଆଡ଼େ ନିଦ ଭଲ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ଖଟକୁ କେବେ ବି କାନ୍ଥରେ ଲଗାନ୍ତୁ ନାହିଁ।

*ଶୋଇବା ଘରେ ଦର୍ପଣ ରଖିବା ଠିକ୍ ନୁହେଁ। ଯଦି ଅଛି ଶୃଙ୍ଗାର ପରେ ଦର୍ପଣରେ ପରଦା ପକାଇ ଦିଅନ୍ତୁ। କୁହାଯାଏ, ସ୍ୱାମୀସ୍ତ୍ରୀ ଏକତ୍ର ଥିବାବେଳେ ଦର୍ପଣରେ ଛବି ଆସିଲେ ଅଶୁଭ ହେଇଥାଏ।

*ଶୟନ କକ୍ଷରେ ପୂଜାଘର କରିବା ମଧ୍ୟ ଉଚିତ୍ ନୁହେଁ।

*ସେହିପରି ଏହି କକ୍ଷରେ କାନ୍ଦୁରା ଚିତ୍ର, ମୃତ ବ୍ୟକ୍ତିଙ୍କ ଚିତ୍ର, ଯୁଦ୍ଧ ଚିତ୍ର ଆଦି ନ ରଖି ପତିପତ୍ନୀଙ୍କ ଖୁସି ସମୟର ଯୁଗଳ ଚିତ୍ର ଯୋଡି କିମ୍ବା ଚଢେଇଙ୍କ ଚିତ୍ର ଅବା ରାଧାକୃଷ୍ଣଙ୍କ ଯୁଗଳ ଚିତ୍ର ରଖିବା ଶୁଭ ହୋଇଥାଏ।

*ଶୋଇବା ଘରର ରଙ୍ଗ ହାଲ୍‌କା ହେଲେ ଭଲ ନିଦ ହୋଇଥାଏ ବୋଲି ବି ବିଶ୍ୱାସ କରାଯାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୨-୧୮

**ମେଷ**



ଶାରୀରିକ ଦୁର୍ବଳତା, ସାମୟିକ ଧୈର୍ଯ୍ୟଚ୍ୟୁତି, ସାଂସ୍କୃତିକ କାର୍ଯ୍ୟକ୍ରମାରମ୍ଭ, ରାଜନୈତିକ ପୃଷ୍ଠପୋଷକତା, ଅର୍ଥାଭାବରୁ ଦୁଶ୍ଚିନ୍ତା, ବିତର୍କରୁ କଳହ, ଧର୍ମକାର୍ଯ୍ୟରେ ନିଷ୍ଠା, ମିତ୍ରବନ୍ଧୁ ସମାଗମ, ସ୍ଥାନାନ୍ତର ଆଶଙ୍କା।

**ବୃଷ**




ଅର୍ଥନୈତିକ ଅଭିବୃଦ୍ଧି, ମିତ୍ରବନ୍ଧୁଙ୍କ ପରାମର୍ଶ, ଭ୍ରାତୃ ବିରୋଧରୁ ଅଶାନ୍ତି, ପଦସ୍ଥ କର୍ମଚାରୀଙ୍କ ଭର୍ତ୍ସନା, ପାରିବାରିକ ଆଲୋଚନା,ସୀମା ବିବାଦ ସମସ୍ୟା, ପ୍ରିୟଜନଙ୍କ ମିଥ୍ୟା ଅଭିଯୋଗ, ଭାଷଣରୁ ପ୍ରଶଂସା।

**ମିଥୁନ**



ଆରୋଗ୍ୟ ଲାଭ, ସ୍ୱାସ୍ଥ୍ୟଗତ ବୈଷମ୍ୟ, ପ୍ରଗତିରେ ପ୍ରତିବନ୍ଧକ, ଯାନବାହନ କ୍ରୟ, ପାରିବାରିକ ସମସ୍ୟା, ଭ୍ରମଣ ସୁଯୋଗ ପ୍ରାପ୍ତି, ସଭାସମିତିକୁ ଆହ୍ୱାନ, ଋଣସୂତ୍ରରେ ଅର୍ଥ ପ୍ରାପ୍ତି।

**କର୍କଟ**



ପାରିବାରିକ ବ୍ୟତିକ୍ରମ, ମାନସିକ ଚାପ ବୃଦ୍ଧି, ଅର୍ଥନୈତିକ ସମସ୍ୟା, ନୂତନ ଉଦ୍ୟୋଗାରମ୍ଭ, ଆନୁଷଙ୍ଗିକ ସାହାଯ୍ୟପ୍ରାପ୍ତି, ସୁସମ୍ପର୍କ ବ୍ୟାହତ, ଆତ୍ମୀୟଙ୍କ ପରଶ୍ରୀକାତରତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, କାର୍ଯ୍ୟସିଦ୍ଧି।

**ସିଂହ**



ନିଯୁକ୍ତି ଖବର, କର୍ମଜଞ୍ଜାଳ ବୃଦ୍ଧି, ଆର୍ଥିକ ସଙ୍କଟ, ଭ୍ରାତୃ ସମ୍ପର୍କରେ ଉନ୍ନତି, ନୂତନ ଗୃହାରମ୍ଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରିବାରିକ ଶାନ୍ତି, ସ୍ଥାନ ପରିବର୍ତ୍ତନର ଚିନ୍ତା, କଚେରି ମାମଲାରେ ହନ୍ତସନ୍ତ, ସ୍ତ୍ରୀଙ୍କ ପ୍ରେରଣା।

**କନ୍ୟା**



ଶାରୀରିକ ସୁସ୍ଥତା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସମସ୍ୟା ସମାଧାନ, ବନ୍ଧୁଙ୍କ ପରାମର୍ଶ, ଦୂରଯାତ୍ରାର ଯୋଜନା, ନୂତନ କର୍ମାରମ୍ଭ, ଅଗ୍ରଗତିର ପଥରୋଧ, ଉଚ୍ଚଶିକ୍ଷାରେ ସଫଳତା, ସନ୍ତାନଙ୍କ ଉନ୍ନତି, ଆଇନ ସହାୟତା ପ୍ରାପ୍ତି ।

**ତୁଳା**



ବନ୍ଧୁ ସହଯୋଗ, କାର୍ଯ୍ୟରେ ଅଗ୍ରଗତି, ଉନ୍ନତ ଚିନ୍ତା ଓ ଯୋଜନା, ନୀଚଜନ ସହ ବିବାଦ, ଯାନ୍ତ୍ରିକ ଜିନିଷ କ୍ରୟ। ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଆନୁଷ୍ଠାନିକ କର୍ମାରମ୍ଭ, ପରିବହନରେ ବିବାଦ, ଜମିଜମା କ୍ରୟବିକ୍ରୟ।

**ବିଛା**



ସମ୍ପର୍କରେ ଉନ୍ନତି, ଆତ୍ମୀୟଙ୍କ ପରାମର୍ଶ, କର୍ମଚାରୀଙ୍କ ଅନୁରକ୍ତି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ବୈପ୍ଳବିକ ଚିନ୍ତାଧାରା, ଆଶାବାଦୀ ହେବେ, ଫ୍ଲାଟ୍ କାରବାରରୁ ଲାଭ, ସେବା ମନୋଭାବରୁ ପ୍ରଶଂସା।

**ଧନୁ**



କର୍ମହାନିରୁ କ୍ଷୋଭ, ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା, ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଚିନ୍ତା। ମାନସିକ ଅସ୍ଥିରତା, ଲୋକ ସମ୍ପର୍କରେ ଉନ୍ନତି, ରାଜନୈତିକ ପୃଷ୍ଠପୋଷକତା, ବୁଦ୍ଧିଜୀବୀଙ୍କ ପରାମର୍ଶ।

**ମକର**



ଯୋଜନାର ପରିକଳ୍ପନା, ସାମୂହିକ ଆଲୋଚନା, ଋଣପ୍ରାପ୍ତି, ନୂତନ ମୈତ୍ରୀ, ପାରିବାରିକ ସହମତି, ସନ୍ତାନଙ୍କ କୃତିତ୍ୱ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ନିର୍ମାଣରେ ଦ୍ୱନ୍ଦ୍ୱ , କର୍ମକ୍ଷେତ୍ରରେ ପ୍ରତିଷ୍ଠା।

**କୁମ୍ଭ**



ଅପରିଣାମଦର୍ଶିତାର କୁଫଳ, ଭଡ଼ାଘର ପରିବର୍ତ୍ତନ, ବନ୍ଧୁଙ୍କ ସହାୟତା, ଅଶ୍ୱସ୍ତିକର ପରିବେଶ, ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ବନ୍ଧୁଙ୍କ ପ୍ରଶଂସା, ସ୍ଥଗିତ କାମରେ ଉନ୍ନତି, ଗବେଷଣାରେ ସଫଳତା, ନୂତନ ପ୍ରକାଶନରୁ ଆନନ୍ଦ।

**ମୀନ**



ସାମାଜିକ ସମ୍ମାନ, ସାଙ୍ଗଠନିକ ତତ୍ପରତା, ଖଳଲୋକଙ୍କ ଅପପ୍ରଚାର, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ଅସହଯୋଗ, ଖର୍ଚ୍ଚଭାର ବୃଦ୍ଧି। ନୂତନ ବନ୍ଧୁ ସମ୍ପର୍କ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ଧର୍ମକାର୍ଯ୍ୟ କରିବେ, କଳାରେ ସମ୍ମାନ, ଅଭିଳଷିତ କର୍ମ ସମ୍ପାଦନ।

# ସ୍ମୃତିଶକ୍ତି ବୃଦ୍ଧିର ଉପାୟ

➤ସକାଳୁ ଶୀଘ୍ର ଉଠିବାକୁ ଚେଷ୍ଟା କରିବା ଦରକାର। କିଛି ବର୍ଷ ପୂର୍ବେ ଏସବୁ ନିୟମକୁ ଲୋକେ ଉପଯୋଗ କରୁଥିଲେ। ଏବେ କିନ୍ତୁ ଅଧିକାଂଶ ଲୋକେ ସକାଳ ୮ଟା ପରେ ଶଯ୍ୟା ତ୍ୟାଗ କରୁଥିବାର ଦେଖିବାକୁ ମିଳୁଛି। ହେଲେ ଏପରି କରିବା ଆଦୌ ଠିକ୍ ନୁହେଁ। ଭୋରବେଳା ଉଠି କିଛି ସମୟ ଛାତ ଉପରେ ଚାଲିବା ସହ ସୂର୍ଯ୍ୟୋଦୟକୁ ଦେଖିବାର ଅଭ୍ୟାସ କରିବା ଉଚିତ୍। ସ୍ମୃତିଶକ୍ତ ବଢାଇବାର ଏହା ଏକ ସର୍ବୋତ୍ତମ ଉପାୟ ଅଟେ।

➤ଆମ ଭାରତୀୟଙ୍କର ଏକ ମୁଖ୍ୟ ପାନୀୟ ହେଉଛି ଚା' ଓ କଫି। ଅଧିକାଂଶ ଲୋକ ଦିନକୁ ୪-୫ ଥର ଏହି ପାନୀୟ ପିଇଥାନ୍ତି। ବିଶେଷଜ୍ଞଙ୍କ ମତରେ କଫି କିମ୍ବା ଚା' ପିଇବା ପରିବର୍ତ୍ତେ ବରଂ ଗ୍ରୀନ୍ ଟି ପିଇବାର ଅଭ୍ୟାସ କରିବା ଉଚିତ୍। ସ୍ୱାସ୍ଥ୍ୟ ପାଇଁ ହିତକାରୀ ଗ୍ରୀନ୍-ଟି ଆମ ସ୍ମୃତିଶକ୍ତି ବଢାଇବାରେ ବି ସହାୟକ ବୋଲି ଗବେଷଣାରୁ ଜଣାପଡିଛି।

➤ଫାଷ୍ଟଫୁଡ୍ ଓ ଜଙ୍କଫୁଡ୍‌ଠାରୁ ଦୂରେଇବା ଆବଶ୍ୟକ। ଏସବୁ ଖାଦ୍ୟ ଓଜନ ବଢାଇବା ସହ ଆମ ସ୍ମୃତିଶକ୍ତିକୁ ମଧ୍ୟ ଦୁର୍ବଳ କରିଥାଏ। ନିୟମିତ ଭାବେ ଫଳ ଖାଇବାର ଅଭ୍ୟାସ କରନ୍ତୁ। ପ୍ରଚୁର ପରିମାଣର ପୋଷକତତ୍ତ୍ୱରେ ଭରପୂର ଫଳ ଖାଇଲେ ଶରୀରକୁ ଶକ୍ତି ମିଳିବା ସହ ସ୍ମୃତିଶକ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।



# ପାଠକୀୟ

*ଆମ ଲୋକଗୀତ ଲୋକକଥାରେ ବାଇଚଢେଇର ବର୍ଣ୍ଣନାରୁ ଜଣାପଡେ ଯେ, ଏମାନେ ଦିନେ ଆମ ଚଳଣିର ଏକ ଅଂଶ ହୋଇଥିଲେ। ଏବେ ମାତ୍ରାଧିକ ସଂଖ୍ୟା ହ୍ରାସ ପାଇବା ପରିବେଶପ୍ରେମୀଙ୍କ ଚିନ୍ତା ବଢାଇଛି। ତେଣୁ ବାଇଚଢେଇଙ୍କ ଚିନ୍ତା ସମ୍ପର୍କିତ ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମନଛୁଆଁ ହୋଇପାରିଥିଲା। 'ବ୍ୟବସାୟରେ ଉନ୍ନତି ପାଇଁ କ'ଣ କରିବା ଆବଶ୍ୟକ' ସେ ବିଷୟରେ ମଧ୍ୟ ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***-ଅଶୋକ ପ୍ରଧାନ, ନୟାଗଡ଼***

*ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ବାଇଚଢେଇଙ୍କ ଚିନ୍ତା' ଆଲେଖ୍ୟଟିର ଉପସ୍ଥାପନା ଶୈଳୀ ଅତି ଉଚ୍ଚକୋଟୀର ଥିଲା। ବିଲୁପ୍ତପ୍ରାୟ ଏହି ପକ୍ଷୀମାନଙ୍କ ସୁରକ୍ଷା ପାଇଁ କ'ଣ ସବୁ ଉପାୟ ଅବଲମ୍ବନ କରିବା ଦରକାର ସେ ସମ୍ପର୍କରେ ଏହି ଆଲେଖ୍ୟରୁ ଅନେକ କଥା ଜାଣିହେଲା। 'ଏଭରଗ୍ରୀନ୍ ପ୍ରିନ୍ସ' ପାଠଟି ବି ବେଶ୍ ଆକର୍ଷଣୀୟ ହୋଇପାରିଥିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଜ୍ଞାନ ଉଦୟ' ନାମକ ପାଠଟି ମଧ୍ୟ ଖୁବ୍ ହୃଦୟସ୍ପର୍ଶୀ ଥିଲା।

***-ମନସ୍ୱୀନି ସ୍ୱାଇଁ, ବ୍ରହ୍ମଗିରି, ପୁରୀ***

*ସିନେମା ପୃଷ୍ଠାରେ ସ୍ଥାନିତ 'ଫେରୁଛି ଟାଇଗର', 'ଇଦ୍‌କୁ ଅପେକ୍ଷା', 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। 'ଅଜବ ସାଇକେଲ୍' ପାଠଟି ବି ସତରେ ବେଶ୍ ନିଆରା ଆଲେଖ୍ୟ ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଅଧ୍ୟାପିକା ତଥା ଲେଖିକା ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ମୋତେ ବହୁତ ଭଲ ଲାଗିଲା।

***-ସରୋଜ ରଥ, କେନ୍ଦ୍ରାପଡ଼ା***

*ମଡେଲ୍ ମିରର୍‌ରେ ଶିବଶକ୍ତି ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ମନଛୁଆଁ ଥିଲା। ସେହିପରି ସହର ପୃଷ୍ଠାରେ ସ୍ଥାନିତ ଲୋକପ୍ରିୟ ଧାର୍ମିକସ୍ଥଳୀ ଆତ୍ତୁର ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ଡଗ୍ ଫୁଡ୍ ଟେଷ୍ଟର୍' ଏବଂ 'ଥୋଡିରେ ସାଇକେଲ୍ ରଖି ଚାଲିଲେ' ଆଦି ପାଠଦୁଇଟି ଖୁବ୍ ଆଶ୍ଚର୍ଯ୍ୟକର ହୋଇଥିଲା।

***-ସ୍ୱପ୍ନାମୟୀ ବିଶ୍ୱାଳ, ଜଟଣୀ***


*ମୋତେ ଛୁଟିଦିନ ପଢିବାକୁ ବହୁତ ଭଲ ଲାଗେ। ଖାସ୍ କରି ଏହାର ପ୍ରଚ୍ଛଦ ପ୍ରସଙ୍ଗ, ସିନେମା, ବିବିଧା ଓ ବ୍ୟାକ୍‌ପେଜ୍ ଆଦି ପୃଷ୍ଠାଗୁଡ଼ିକ ଖୁବ୍ ମନଛୁଆଁ ହୋଇଥାଏ। ସେହିପରି କାର୍ଟୁନ୍ କର୍ନର ଓ ହାଃ ହାଃ ବି ମୋର ଭାରୀ ପ୍ରିୟ।

***-ଅଭିନାଶ ସାହୁ, ରସୁଲଗଡ଼, ଭୁବନେଶ୍ୱର***

## ବିଶେଷ ଚିଠି

ଛୁଟିଦିନ ତୁମେ ସର୍ବୋତ୍ତମ
ତୁମକୁ ସେଥିପାଇଁ କରେ ପ୍ରଣାମ,
ଷୋହଳ ପୃଷ୍ଠାରେ ତୁମେ ଗଢା
ପ୍ରତି ପୃଷ୍ଠା ତୁମ ଭାରୀ ବଢିଆ,
ରବିବାରେ ତୁମେ ଆସିଥାଅ
ସଭିଙ୍କ ମନକୁ କିଣିନିଅ,
ପତ୍ରିକା ମଧ୍ୟରେ ତୁମେ ସାର
ତୁମର ନାହିଁ ଆଉ ପଟାନ୍ତର।
ଏହିପରି ତୁମେ ଆସୁଥାଅ
ସଭିଙ୍କର ପ୍ରିୟ ହେଉଥାଅ।

**-ଲକ୍ଷ୍ମୀପ୍ରସାଦ ମହାନ୍ତି, ବରମୁଣ୍ଡା, ପୁରୀ**




ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଏବେ ଅଲୋଡ଼ା...



ନାଟକ ଦର୍ଶକଙ୍କୁ କେବଳ ମନୋରଞ୍ଜନ ଦିଏ ତା'ନୁହେଁ ବରଂ ସମାଜର ନିଚ୍ଛକ ଛବିକୁ ପ୍ରତିଫଳିତ କରିଥାଏ। ଗୋଷ୍ଠୀଗତ ଜୀବନରେ ଖୁବ୍ ପ୍ରଭାବ ପକାଇବା ସହ ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟକରେ। ମାତ୍ର ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ଅନୁଷ୍ଠିତ ହେଉଥିବା ନାନାପ୍ରକାର ରଙ୍ଗମଞ୍ଚରେ କଳାକାରମାନେ ନିଖୁଣ ଅଭିନୟ କରିଥାନ୍ତି । କିନ୍ତୁ ଆଜିକାଲି ସେମିତି ଗାଁଗାଁରେ ଦେଖିବାକୁ ମିଳୁନି ରଙ୍ଗମଞ୍ଚ । ଏମିତି କି ଅଭିନୟ କରୁଥିବା କଳାକାରଙ୍କ ସତସତିକା ନାଁ ପରିବର୍ତ୍ତେ ତାଙ୍କ ଅଭିନୟର ଚରିତ୍ର ନାଁରେ ଦର୍ଶକମାନେ ତାଙ୍କୁ ଚିହ୍ନିଥାନ୍ତି। ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଥିପାଇଁ ସେହି କଳାକାରଙ୍କୁ ମନେରଖିଥାନ୍ତି । ଏଥିରେ କଳାକାରଙ୍କୁ ଭିନ୍ନ ଏକ ପରିଚୟ ମିଳିଥାଏ। ସେମିତି କେତେଜଣଙ୍କ ସମ୍ପର୍କରେ ।

ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ବେଳେ ଅନେକ ସ୍ଥାନରେ ନାନା ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳେ । ଏମିତିରେ ବିଭିନ୍ନ ନାଟକ ମଞ୍ଚସ୍ଥ ହେଉଥିବାର ନଜିର ରହିଛି। ତେବେ କଳା ପରିବେଷଣର ନେପଥ୍ୟ ଉଦ୍ଦେଶ୍ୟ– ସାମୂହିକ ଚିତ୍ତବିନୋଦନ, ଶାରୀରିକ ଓ ମାନସିକ ଶାନ୍ତି ଲାଭ। ବହୁବର୍ଷ ତଳେ କେତେକ ସାଂସ୍କୃତିକ କାର୍ଯ୍ୟକ୍ରମର ପୃଷ୍ଠପୋଷକତା ଭାବେ ରାଜା ଓ ଜମିଦାରମାନେ ପ୍ରୋତ୍ସାହନ ଯୋଗାଉଥିଲେ। ମାତ୍ର ସମୟକ୍ରମେ ଅନେକ ପ୍ରଥା ବଦଳିଯାଇଛି। ରଜ, ରଥଯାତ୍ରା, ରାଖୀପୂର୍ଣ୍ଣିମା, ଗଣେଶ ପୂଜା, ଦଶହରା, ଦୀପାବଳି ଓ ହୋଲି ଆଦି ବିଭିନ୍ନ ପର୍ବ ସମୟରେ ଗାଁର ଯୁବଗୋଷ୍ଠୀ ହୁଅନ୍ତୁ କି ବୟସ୍କମାନେ ମିଳିମିଶି ପାରମ୍ପରିକ, ଆଧୁନିକ ନାଚଗୀତ ଓ ନାଟକ ଆଦିରେ ଅଭିନୟକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। ଏମିତି କଳାକାରଙ୍କୁ ହୁଏତ ସମସ୍ତେ ଜାଣୁ ନ ଥିଲେ ମଧ୍ୟ ସେମାନେ ନିଜ ନିଜ ଅଞ୍ଚଳରେ ଜଣେ ଜଣେ ଜଣାଶୁଣା କଳାକାର ଭାବେ ପରିଚିତ।

**ଭିକାରି ଭାଇ ବୋଲି ଡାକ ଶୁଣିଲେ ଖୁସି ହୁଏ** –ପେସା ତାଙ୍କର ଓକିଲାତି, ନିଶା ଅଭିନୟ। ମାତ୍ର ୫ବର୍ଷ ବୟସରୁ ସେ ଗାଁ ରାମଲୀଳାରେ କୁଶ ଭୂମିକାରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏବେ ତାଙ୍କୁ ୫୩ବର୍ଷ .ହେଲାଣି କିନ୍ତୁ କେବେ ଯଦି କେଉଁଠି ନାଟକରେ ଅଭିନୟ କରିବାର ସୁଯୋଗ ମିଳେ ସେ ବେଶ୍ ଖୁସି ହୋଇପଡ଼ନ୍ତି। ସେ ହେଲେ–ସୁଲଳିତ କର, ପି–ଶଶାଙ୍କଶେଖର କର, ମା ଚାମେଲି କର। ଗ୍ରାମ ଦାମୋଦରପୁର, ପୋ–ମୋତିଗଞ୍ଜ, ଜିଲା–ବାଲେଶ୍ୱର । ସେ କୁହନ୍ତି, ମଞ୍ଚ ନାଟକରେ ବିଭିନ୍ନ ପ୍ରକାର ଚରିତ୍ରରେ ଅଭିନୟ କରୁଥିଲେ ବି ବିଶେଷକରି ହାସ୍ୟ କଳାକାର ଭାବେ ଅଭିନୟ କରିବାକୁ ପସନ୍ଦ କରିଥାଏ। ମୋର ମନେପଡ଼ୁଛି ୨୦୦୨ମସିହାରେ ବାଲେଶ୍ୱର ଜିଲା ଓକିଲ ସଂଘ ଦ୍ୱାରା ଆୟୋଜିତ ନାଟକ 'ପରିଚୟ'ରେ ଏକ ଭିକାରି ଭୂମିକାରେ ଅଭିନୟ କରିଥିଲି। ତେବେ ସେହି ଭିକାରି ଭୂମିକା ଏପରି ଥିଲା ଯେ ତା'ର ନିଖୁଣ ଅଭିନୟ ପାଇଁ ଆଜିଯାଏ ସେହି ଚରିତ୍ର ନାଁରେ ଅନେକେ ମତେ ଭିକାରି ଭ ାଇ ବୋଲି ଡାକନ୍ତି। ଏଥିଯୋଗୁ ବେଶ୍ ଖୁସି ଲାଗେ। ସେତେବେଳେ ଏହି ଅଭିନୟଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଭିକାରି ଅଭିନୟରେ ହାସ୍ୟରସ ଭରପୂରଥିଲା। ପରବର୍ତ୍ତୀ ସମୟରେ ପରିଚୟ ନାଟକ ଦୂରଦର୍ଶନରେ ନାଟ୍ୟ ଅନୁଷ୍ଠାନ ସ୍ରଷ୍ଟା ଦ୍ୱାରା ପରିବେଷଣ ହୋଇଥିଲା। ଏବେ ଏହି ଅନୁଷ୍ଠାନର ସଂଗଠକ ସମ୍ପାଦକ ରହିଛି । କଥାସମ୍ରାଟ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ


ସୁଲଳିତ କର ଓରଫ ଭିକାରି

କବିତାର ନାଟ୍ୟରୂପ ହୋଇଥିବା 'ହାଟବାହୁଡ଼ା'ରେ ଫକୀର ମୋହନଙ୍କ ଭୂମିକାରେ ଅଭିନୟ କରିଥିଲି। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବାଲେଶ୍ୱରଠାରେ ଆୟୋଜିତ ନାଟକ 'ଗାନ୍ଧୀଙ୍କ ଓଡ଼ିଶା'ରେ ଗାନ୍ଧୀ ଭୂମିକାରେ ଅଭିନୟ କରି ବହୁ ପ୍ରଶଂସିତ ହୋଇଥିଲି। ଏଯାଏ ଶତାଧିକ ନାଟକରେ ଅଭିନୟ କରିସାରିଲିଣି। ସେଥିମଧ୍ୟରୁ – ଝରାଶେଫାଳି, ସୁଭଦ୍ରା, ପରିଚୟ, ସୂର୍ଯ୍ୟତୃଷ୍ଣା, ସତମିଛର ମହାତ୍ମା ଇତ୍ୟାଦି। ଓଡ଼ିଆ ନାଟକ ବ୍ୟତୀତ ବଙ୍ଗଳା ଓ ହିନ୍ଦୀ ନାଟକରେ ବି ଅଭିନୟ କରିଛି। ପ୍ରାୟ ୨୫ଟି ସାମାଜିକ ନାଟକରେ ନିର୍ଦ୍ଦେଶନା ଦେଇସାରିଲିଣି। ତେବେ ମୋ ଅଭିନୟ ଜୀବନର ଭିନ୍ନ ପରିଚୟ ଭିକାରି ଭାଇ ନାଁ ଶୁଣିଲେ ମତେ ମଞ୍ଚରେ ଥିଲାପରି ଲାଗେ, ଯାହା ମୋ ନାଁ ପରିବର୍ତ୍ତେ ଅଭିନୟ ନାଁରେ ପରିଚିତ ହୋଇପାରିଛି।

**ନବରଙ୍ଗିଆ ବୋଲି ଡାକନ୍ତି** –ଗାଁ ଆଖଡ଼ା ଘରେ ତାଙ୍କର ସାଧନା ଚାଲେ । ବିଭିନ୍ନ ପୁରାଣ କାହାଣୀକୁ ନେଇ ସେ ଗୀତିନାଟ୍ୟ ଲେଖନ୍ତି। ଏପରି କି ବିଭିନ୍ନ ପୌରାଣିକ, ଐତିହାସିକ ଓ ଆଧୁନିକ କଥା ପ୍ରସଙ୍ଗକୁ ନେଇ ହାସ୍ୟାତ୍ମକ ଗୀତନୃତ୍ୟ ପରିବେଷଣରେ ଅଭିନୟ କରନ୍ତି। ମଞ୍ଚରେ ଉପନୀତ ହେବାମାତ୍ରେ ସେ ସେଠାର ପରିସ୍ଥିତି ଓ ପରିବେଶ ଆଦିକୁ ନଜର ରଖି ଅଭିନୟ ବେଳେ ତୁରନ୍ତ ଗୀତ, ସଂଳାପକୁ ଦର୍ଶକଙ୍କୁ ଖୁସି ବାଣ୍ଟନ୍ତି– ସେ ହେଲେ ପୂର୍ଣ୍ଣଚନ୍ଦ୍ର ସାହୁ। ପିତା ଉଦୟନାଥ, ମା' ବୁଦ୍ଧି ଦେଈ। ଜନ୍ମ ୨ ଫେବୃୟାରୀ ୧୯୭୨ ମସିହାରେ। ଘର ନୟାଗଡ଼ ଜିଲାର ରଣପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରା.ପ.ର ବଡ଼ବରମୂଳ ଗାଁରେ। ସେ କୁହନ୍ତି ଗାଁ ସ୍କୁଲରେ ପାଠପଢା ପରେ ଖୋର୍ଦ୍ଧାରେ ଯାଇ ସଂସ୍କୃତରେ ୧୦ମ ଯାଏ ପଢ଼ିଲି।






ଥରେ ଚିଲିକାର ନଇରୀଗାଁକୁ ଏକ ଧୁଡୁକି ଦଳ ସହିତ ଯାଇଥିଲି। କିନ୍ତୁ ସେଦିନ କୌଣସି କାରଣରୁ ସେଠାରୁ ଧୁଡୁକି ମାଷ୍ଟ୍ରେ ଫେରାର ହୋଇଯିବାରୁ ବାଧ୍ୟରେ ମତେ ମଞ୍ଚରେ ଅଭିନୟ କରିବାକୁ ପଡ଼ିଥିଲା। ତେବେ ୧୯୯୫ ମସିହାଠାରୁ 'ନବରଙ୍ଗ' ନୃତ୍ୟ ଚାଲୁ ରଖିଛି। ମୁହଁରେ ପାଉଡ଼ର, ଓଠରେ ଲାଲରଙ୍ଗ ମାଖି ଓ ପାଦରେ ଘୁଙ୍ଗୁର ବାନ୍ଧି ମଞ୍ଚରେ ଉପନୀତ ହୁଏ। ପ୍ରେମ, ବିରହ, ବିଚ୍ଛେଦ, ହାସ୍ୟ, କ୍ରୋଧ, ବନ୍ଧୁତ୍ୱ, ଭକ୍ତି, ବାତ୍ସଲ୍ୟ ଓ ବୀରରସ ଆଦିକୁ ଚରିତ୍ର ଅଭିନୟରେ ସ୍ଥାନ ଦେଇ ନବରଙ୍ଗ ପରିବେଷଣ କରିଥାଏ। ଏଥିରେ ଓଡ଼ିଆ ଘରର ସାମାଜିକ ଚଳଣି ଓ ସଂସ୍କାର ମୂଳକ ନୀତିଶିକ୍ଷା ଆଦିକୁ ସ୍ଥାନ ଦେଇଥାଉ। ମାତ୍ର ନବରଙ୍ଗରେ ବିଶେଷକରି ହାସ୍ୟରସ ପରିବେଷଣକରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିବାରୁ ଅନେକେ ମୋ ନାଁ ନ ଡାକି ନବରଙ୍ଗିଆ ବୋଲି ଡାକିଲେ। ତେବେ ନବରଙ୍ଗ ପାଇଁ ମୋର ଅସଲି ନାଁ ବଦଳିଗଲା। ଜାଣିଥିବା ଲୋକଙ୍କ ପାଖରେ ନବରଙ୍ଗିଆ ଭାବେ ପରିଚିତ ହୋଇଗଲି। ବିଭିନ୍ନ ସମୟରେ ବହୁ ସରକାରୀ ଯୋଜନାର ଜନସଚେତନତା ପାଇଁ ପ୍ରଚାର କରିଥାଉ। ଏମିତିରେ ପ୍ରାୟ ୨ହଜାରରୁ ଅଧିକ ମଞ୍ଚରେ ଅଭିନୟ କରିସାରିଲିଣି। ଅବଶ୍ୟ କଳାକାରଙ୍କ କଳା ପରିବେଷଣରେ ଏମିତି ଅନେକ କଳାକାରଙ୍କ ପ୍ରକୃତ ନାଁକୁ ଆମେ ପରେ ଜାଣିଥାଉ, ଯେପରି ଭିକୁ ସେଠ୍‌ଙ୍କ ଅସଲି ନାଁ ମହେନ୍ଦ୍ର ଦାସ।

**ଚିହ୍ନା ଲୋକ ଦେଖିଲେ କୁହନ୍ତି-କୁନା ମୋର ଧେଇକି ଧିନା**-ପିଲାଟି ଦିନରୁ ସେ ଚାଟଶାଳୀକୁ ଯାଇ ନାହାନ୍ତି। ମାତ୍ର ଅଭିନୟ ପ୍ରତି ଥିଲା ପ୍ରବଳଦୁର୍ବଳତା । ଏଥିପାଇଁ ଗାଁରେ ଦଣ୍ଡ ନାଚ, ରାମଲିଳା, ରାମ ନାଟକ, ପାଲା, ଦାସକାଠିଆ, ଅପେରା ଓ ମଞ୍ଚନାଟକ ଆଦିରେ ସେ ପ୍ରାୟ ୭୦ବର୍ଷ ବିତେଇ ସାରିଲେଣି । ଏବେ ତାଙ୍କ ବୟସ ଶତାୟୁ ହେଲାଣି। ତଥାପି ଏହି ବୟସରେ ସେ ଥରେଇଥରେଇ କଣ୍ଠରେ ଛାନ୍ଦଚଉପଦୀଠାରୁ ଆରମ୍ଭକରି ଗୀତ ଗାଆନ୍ତି। ସେ ହେଲେ ଅଇଁଠି ସାହୁ। ପିତା ଉଚ୍ଛବ ସାହୁ, ମା- ଅପର୍ତ୍ତି ଦେଇ। ଗାଁ ଖୋର୍ଦ୍ଧା ଜିଲା ଚିଲିକା ଉପକୂଳବର୍ତ୍ତୀ ସୋରଣ ଗ୍ରାମର ଚ୍ୟାଆଙ୍ଗ ସାହିରେ। ସେ କୁହନ୍ତି-ମତେ ଏବେ ବୟସ ପ୍ରାୟ୯୯ ଟପିଲାଣି। ଦର୍ଶକଙ୍କୁ ହସାଉ ଥିବାରୁ ମତେ ଈଶ୍ୱର ଖୁସୀ ଦେଇଛନ୍ତି। ପିଲାବେଳୁ ପାଠ ପଢି ନ ଥିଲି, ମାତ୍ର ଗାଁର କାଶୀ ଆଚାର୍ଯ୍ୟଙ୍କଠାରୁ ଅ.ଆ. ଶିଖିଥିଲି। ୧୫ବର୍ଷ ବେଳୁ ଅଭିନୟ କରୁଛି। ସେତେବେଳେ ଦିନବେଳା ପ୍ରାୟ ୪ଟାବେଳୁ ଗାଁରେ ପାଲା, ଦାସକାଠିଆ, ରାମଲୀଳା ହେଉଥିଲା। ଆଲୁଅ ନ ଥିଲା କି ମାଇକି ନ ଥିଲା। । କିଛିଦିନ ପରେ ପେଟ୍ରୋମାକ୍ସ ଆଲୁଅରେ ନାଚ କରୁଥିଲୁ। ଦେଶୀ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା। ମୁହଁରେ ଚକଖଡ଼ି କିମ୍ବା ମୁଣ୍ଡାଖଡ଼ିଗୁଣ୍ଡ , ଥୋଡ଼ରେ ଅଳତା, ଦେହରେ ହଳଦୀ ବୋଳି ବେଷ ହେଉଥିଲୁ। ସେସବୁ ବଦଳି ଗଲାଣି । ଏମିତି ଯାତନାଚରେ ଅଭିନୟ କରୁଥିବାରୁ ଘରେ କୁହନ୍ତି ତୁ ନାଟରେ ରହିଲେ ଚଳିବୁ କେମିତି ? ସେସବୁ ଛାଡ଼େ। କିନ୍ତୁ ନାଚ ନିଶା ହୋଇଗଲା। ଥରେ ରଣପୁରକୁ ନାଟକକରିବାକୁ ସାଇକେଲରେ ଯାଇଥିଲି, ଘରକୁ ଫେରିଲା ପରେ ପୋଲୁହ ନେଇ ଚିଲିକାକୁ ଯାଇ ମାଛଧରିଛି। କଳାର ନିଶା ପୁଣି ପେଟ ପୋଷିବାର ବେଉସା । ଏମିତିରେ ରାମ ଲୀଳାରେ ୧୪ବର୍ଷ ଧରି ରାବଣର ମା' ହୋଇଛି ତ ପୁଣି କେଉଁଠି ଶବରୀ ହୋଇଥିଲି। ଗୋପାଳ କରଙ୍କ ପାଲାରେ ୩ବର୍ଷ, ମଳୟସଂଚାର ସିଂଙ୍କ ପାଲାରେ ୩୨ବର୍ଷ, ଦାସକାଠିଆରେ ୪ବର୍ଷ, ଗାଁ ଦଣ୍ଡଯାତରେ ୧୬ବର୍ଷ, ଗାଁର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଅପେରା ପାର୍ଟିରେ ହାସ୍ୟକଳାକାର ଭାବେ ଅଭିନୟ କରିଛି। ପୁଣି ସଂକୀର୍ତ୍ତନ ମେଳରେ ଯାଉଥିଲି। ଯାତ୍ରା ହେଉ କି ପାଲା କି ରାମଲୀଳା ସବୁଥିରେ ହାସ୍ୟକଳାକାର ଭାବେ ଅଭିନୟ କରିଥାଏ। ମଞ୍ଚକୁ ପ୍ରବେଶମାତ୍ରେ ମୋ ଅଙ୍ଗଭଙ୍ଗି ଦେଖି ଦର୍ଶକମାନେ ହସିଥାନ୍ତି। ବୁଦ୍ଧି ବିବେକ ଜ୍ଞାନ ବଳେ ଅଭିନୟରେ ମଜାଳିଆ କଥା କହି ହାସ୍ୟଅଭିନୟ କରିଥାଏ। ଭାଷାରେ ବୁଝେଇ ହେବ ନାହିଁ କେବଳ ମୋର ଅଭିନୟ ଦେଖୁଥିବା ଦର୍ଶକ କେମିତି ହସନ୍ତି ତାହା ସେମାନଙ୍କୁ ଜଣା। ମୁଁ ଯାହା ଅଭିନୟରେ ଅନୁକରଣ କରି ନିଚ୍ଛକ ଚରିତ୍ରକୁ ଦେଖାଇବାକୁ ଚେଷ୍ଟା କରିଥାଏ। ହଁ ହାସ୍ୟକଳାକାର ଭାବେ ବେଷଭୂଷାର ଗୁରୁତ୍ୱ କିଛି କମ ନୁହେଁ। ଗୋଟିଏ କଥା ମନେ ପଡୁଛି – ଥରେ ଏକ କଉତୁକିଆ ପ୍ରସଙ୍ଗକୁ ନେଇ କୁନାମୋର ଧେଇକିଧିନା କହି ନାଚୁଥିବାରୁ ସେକଥା ଲୋକଙ୍କ ମନରେ ଛାପା ହୋଇ ରହିଯାଇଛି; ଯାହା କି ମତେ ଚିହ୍ନିଥିବା ଲୋକ ଦେଖିଲେ କୁହନ୍ତି- କୁନା ମୋର ଧେଇକିଧିନା। ଥରେ ହାସ୍ୟକଳାକାରଭାବେ ଥରେ ମହାଦେବ ଅଭିନୟରେ ଗୋଟେ ହାତରେ ଢାଲ ଆଉ ଗୋଟେ ହାତରେ ଗୁଡ଼ାଖୁକୁ ଦାନ୍ତରେ ଘଷି ଘଷି ମଞ୍ଚକୁ ଯାଉଥିବାର ଦେଖି ଦର୍ଶକ ହସି ଉଠୁଥିଲେ। ସୁନ୍ଦରା ଓ ସୁନ୍ଦରୀଙ୍କ ବନ୍ଦନା ତୁଣ୍ଡେତୁଣ୍ଡେ ଗୀତ ଗାଇ ନାଚୁଥିଲୁ। ଶୁଣି ହସିଥାନ୍ତି। ପାଲାରେ ବିଭିନ୍ନ ରସକୁ ନେଇ କବିମାନଙ୍କ ଛାନ୍ଦ ଚଉପଦୀକୁ ଗାଉଥିଲୁ। ପୁରୀ, କଟକ, କେନ୍ଦୁଝର, ବାଲେଶ୍ୱର , ଗଞ୍ଜାମ, ନୟାଗଡ଼, ପାରାଦୀପ ଆଦି ଅନେକ ସ୍ଥାନରେ କଳାପରିବେଷଣ କରାଯାଇଛି। ଚଣ୍ଡେଶ୍ୱର ଦେବଙ୍କ ପୀଠରେ ଗୁରୁପୂଜାରେ ମତେ ସମ୍ମାନିତ କରିଥିଲେ। ସରକାରଙ୍କଠାରୁ କଳାକାର ଭର୍ତ୍ତା ବି ମିଳୁଛି। ମୋ କଳାକାର ଜୀବନରେ ଖୁସୀରେ ଅଛି ।



ପୂର୍ଣ୍ଣଚନ୍ଦ୍ର ସାହୁ ଓରଫ ନବରଙ୍ଗିଆ



ଅଇଁଠି ସାହୁ ଓରଫ କୁନା ମୋର ଧେଇକି ଧିନା



ମନୋରଞ୍ଜନ ଦାସ ଓରଫ ତୋଡ଼ି

**ତୋଡ଼ି ନାଁ ଦେଲା ଭିନ୍ନ ପରିଚୟ** -ସେ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କିନ୍ତୁ ଅଭିନୟ ନିଶାରେ ପ୍ରାୟ ଶତାଧିକ ନାଟକରେ ସେ ଅଭିନୟ କରିସାରିଲେଣି । ରଙ୍ଗମଞ୍ଚ କଥା ଶୁଣିଲେ ସେ ଖୁସୀ ହୋଇପଡ଼ନ୍ତି। ସେ ହେଲେ ମନୋରଞ୍ଜନ ଦାସ। ପିତା ଶ୍ରୀକାନ୍ତ ଦାସ, ମା ତିଲୋତମା । ଘର ବାଲେଶ୍ୱର ଜିଲାର ଜୟୀରାମପୁର ଅନ୍ତର୍ଗତ ଦ୍ୱାରିକାପୁରରେ। ସେ କୁହନ୍ତି -ପିଲାଦିନେ ଗାଁରେ ନାଚ ଗୀତ ଦେଖିବାକୁ ଭଲପାଉଥିଲି। ମୋ କକା ଥିଲେ ଜଣେ ନାଟ୍ୟ କଳାକାର। ଗାଁରେ ଯେଉଁଠି ଯାତ ହୁଏ ସେଥିରେ ଭାଗ ନେଇଥାଏ। ଅନ୍ୟପକ୍ଷେ ଆକାଶବାଣୀର ଜଣାଶୁଣା ଖବରପାଠକ ଯତୀନ ଦାସଙ୍କ ଖବର ପଢିବା ଶୈଳୀକୁ ଅନୁକରଣକରି ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମରେ ଖବର ପଢିବା ଅଭିନୟ କରୁଥିବାରୁ ସାଙ୍ଗମାନେ ବେଶୀ ପ୍ରଶଂସା କରୁଥିଲେ। ତେବେ ୧୯୭୩/୭୪ମସିହାର କଥା। ଆଗରପଡ଼ା ଟ୍ରେନିଂସ୍କୁଲରେ ଏକ ପୌରାଣିକ ବିଷୟ 'ନରଦେବତା'ନାଟକ ମଞ୍ଚସ୍ଥ ହେଲା ଏଥିରେ ଏକ ହାସ୍ୟ ଭୂମିକାରେ ଅଭିନୟ କରିଥିଲି। ଚରିତ୍ରର ନାଁ ଥିଲା ତୋଡ଼ି । ତେବେ ସବୁଠାରୁ ବଡ଼କଥା ହେଲା 'ନରଦେବତା' ନାଟକରେ ହାସ୍ୟକଳାକାର ଭାବେ ମତେ ଜାଣିଥିବା ଅନେକ ଲୋକ ମୋର ଅସଲି ନାଁ ପରିବର୍ତ୍ତେ ଅଭିନୟ କରୁଥିବା ତୋଡ଼ି ନାଁରେ ଡ଼ାକୁଥିବାରୁ ମୁଁ ଖୁସୀ ହୋଇପଡ଼େ । ସେହିପରି ହେମେନ୍ଦ୍ର ମହାପାତ୍ରଙ୍କ 'ବୟସ' ନାଟକରେ ବୟସ ଭୂମିକାରେ ଅଭିନୟ କରିଥିଲି। ଆଗରୁ ଯେତେ ନାଟକରେ ଅଭିନୟ କରିଥିଲି, ବିଶେଷକରି ହାସ୍ୟଅଭିନୟ କରିଥାଏ। ସମୟକ୍ରମେ ଇତିଶ୍ରୀ କୁମ୍ଭକର୍ଣ୍ଣ ଉବାଚ, ମହାସମର,ଐତିହାସିକ ନାଟକ ନବାବ ରହିଲେ, ଅନ୍ଧ ଆଖିରେ ବନ୍ଧନ, ମନଅରଣ୍ୟ, ସାମାଜିକ ନାଟକଭାବେ ଜତୁଗୃହ, ପୁଣି ସ୍ରଷ୍ଟା ନାଟ୍ୟ ଅନୁଷ୍ଠାନର ଜଣେ କଳାକାରଭାବେ ବିଭିନ୍ନ ନାଟକରେ ଅଭିନୟ କରିଥାଏ। ରାଉରକେଲା, ଜଟଣୀ, ଭୁବନେଶ୍ୱର, କଟକ ଆଦି ସ୍ଥାନରେ ସୌଖୀନ ନାଟ୍ୟ ସଂସ୍ଥା ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ ଭାଗନେଇ ଅନେକ ପୁରସ୍କାର ପାଇଛି। ଅନ୍ୟପକ୍ଷେ ବିଭିନ୍ନ ନାଟକରେ ଅଭିନୟ କରୁଥିବା କେତେକ କଳାକାରଙ୍କୁ ଅନେକ ଦର୍ଶକ କେବଳ ତାଙ୍କ ଅଭିନୀତ ଚରିତ୍ର ନାଁରେ ଜାଣିଥାନ୍ତି; ଯାହା ସେହି କଳାକାରଙ୍କ ସଫଳ ଅଭିନୟର ପରିଚୟ ଦେଇଥାଏ।





-ବନବିହାରୀ ବେହେରା

# ମିଛକୁ ଘୃଣା କରେ






ରିୟାଲିଟି ଶୋ' 'ମିଠା ମିଠା ଯୋଡି'ରୁ ଅଭିନୟର ଯାତ୍ରା ଆରମ୍ଭ। ଏହାପରେ ସିରିୟଲ, ମ୍ୟୁଜିକ୍ ଭିଡିଓ, ୱେବ୍ ସିରିଜ୍ କରି ସେ ଘରେ ଘରେ ପରିଚିତା। ନିଖୁଣ ଅଭିନୟରେ ଦର୍ଶକଙ୍କ ମନ ଜିଣିଥିବା ଏଇ ନାୟିକା ଜଣକ ହେଉଛନ୍ତି ଚୁଲ୍‌ବୁଲି **ଶ୍ରଦ୍ଧା ପାଣିଗ୍ରାହୀ।**

-ଶିବାନୀ ମହାନ୍ତି

## ସଂକ୍ଷେପରେ...

**ପାଠପଢାରେ କେମିତି?**

ପାଠ ପଢାରେ ବହୁତ ଭଲ ଥିଲି। ଘରେ ଭାବିଥିଲେ ଭଲ ଚାକିରି କରିବି।

**ଅଭିନେତ୍ରୀ ନ ହେଇଥିଲେ କ'ଣ ହେଇଥାନ୍ତେ?**

ପୋଲିସ୍ ଅଫିସର୍। ଆଉ ଏଭଳି ଇଛା ପଛର କାରଣ ହେଉଛି- ସ୍କୁଲ କଲେଜରେ ପଢିବାବେଳେ ବହୁତ ପିଲା ମତେ ଫଲୋ କରୁଥିଲେ। କମେଣ୍ଟ ମାରୁଥିଲେ। ତେଣୁ ଭାବୁଥିଲି ପୋଲିସ୍ ଅଫିସର୍ ହେଇ ଏଭଳି ପିଲାଙ୍କୁ ଜେଲ୍‌ରେ ପୁରେଇ ଧୁମ୍ ପିଟିବି।

**ବିଉଟି ସିକ୍ରେଟ୍ କ'ଣ?**

ପ୍ରାକୃତିକ ଜିନିଷ ବ୍ୟବହାର କରେ। ଆଉ ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରେ। ଟେନ୍‌ସନ୍ ଆସିଲେ ଅଳ୍ପ ସମୟ ଚିନ୍ତାରେ ରହି ପରେ ତାକୁ ଭୁଲିଯାଏ। ମୋର ପର୍ସନାଲ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଅଛି। ଯେଉଁଥିରେ ମୁଁ ନିଜେ ବେନିଫିଟ୍ ପାଉଥିବା ବିଉଟି ଟିପ୍ସକୁ ଶେୟାର କରିଥାଏ।

**ଡ୍ରିମ୍ ରୋଲ୍?**

ସବୁବେଳେ ସିମ୍ପଲ, ସୋବର ରୋଲ୍ କରି କିଛି ଭିନ୍ନ କରିବାର ଇଛା ଅଛି। ଆଉ ମୋର ଡ୍ରିମ୍ ରୋଲ ହେଉଛି ସାଇକୋ କ୍ୟାରେକ୍ଟର କରିବା।

**ପ୍ରଥମ କ୍ରସ୍ କିଏ ଥିଲେ?**

ବାବୁସାନ୍ ମତେ ବହୁତ ଭଲ ଲାଗନ୍ତି। ତାଙ୍କ ଚକ୍‌ଲେଟି ଲୁକ୍ ଓ ମଜାମସ୍ତି ବାଲା କ୍ୟାରେକ୍ଟର ମତେ ବହୁତ ପସନ୍ଦ। ତେଣୁ ଇଣ୍ଡଷ୍ଟ୍ରିକୁ ଆସିବା ସମୟରେ ତାଙ୍କୁ ଦେଖିଲେ ମତେ ଭଲ ଫିଲ୍ ହେଉଥିଲା।

**ଘୃଣା କାହାକୁ କରନ୍ତି?**

ସତକୁ ସାମ୍ନା ନ କରିପାରି ସତକୁ ଲୁଚାଇବା ପାଇଁ ଗୋଟେ ପରେ ଗୋଟେ ମିଛ କହୁଥିବା ଲୋକଙ୍କୁ ମୁଁ ଘୃଣା କରେ।

## ଫ୍ୟାଶନ୍ ଆସେସରିଜ୍

ମତେ ସଜବାଜ ହେବାକୁ ବହୁତ ଭଲ ଲାଗେ। ତେଣୁ ସବୁ ପ୍ରକାରର ଗହଣା ମୋର ପସନ୍ଦ। ବିଉଟି ଆସେସରୀ ଭିତରେ ଲିପ୍‌ଷ୍ଟିକ୍ ମୋର ଭାରି ପ୍ରିୟ। ୟା'ଛଡା ମତେ ଡିଫରେଣ୍ଟ ଟାଇପ୍‌ର ଡ୍ରେସ୍ ପିନ୍ଧିବାକୁ ଭଲ ଲାଗେ। ବେଶି ଏଥ୍‌ନିକ୍ ପୋଷାକ ପସନ୍ଦ। ଲୋକ ବି ମତେ ଏଥ୍‌ନିକ୍ ଗେଟ୍‌ଅପ୍‌ରେ ପସନ୍ଦ କରନ୍ତି।



# ଡିସ୍‌ପ୍ଲେ ସ୍କ୍ରିନ୍‌ର ବୈଜ୍ଞାନିକ



ଦକ୍ଷିଣ କୋରିଆରେ ଏକାଦିକ୍ରମେ ଦୁଇ ବର୍ଷ ଧରି ଶ୍ରେଷ୍ଠ ବୈଜ୍ଞାନିକ ହେବାର ଗୌରବ ଲାଭ କରିଛନ୍ତି ଓଡ଼ିଆ ଝିଅ ଡ. ରୂପଶ୍ରୀ ରାଗିଣୀ ଦାସ। ଓଡ଼ିଶା କେମିକାଲ୍ ସୋସାଇଟି ଓ ଆମେରିକୀୟ ରାସାୟନିକ ସୋସାଇଟିର ଆଜୀବନ ସଦସ୍ୟା ଡ. ଦାସ ୧୯୫୪ ମସିହା ମେ ୨୪ ତାରିଖରେ ଯାଜପୁର ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ପିତା ଲକ୍ଷ୍ମୀକାନ୍ତ ଦାସ ଓ ମାତା ଶିଶିରା ଦାସ। ଜେଜେ ଶ୍ୟାମସୁନ୍ଦର ଦାସ ଓ ଜେଜେମା' କୋକିଳା ଦେବୀ। ଚାରି ଭାଇ ଭଉଣୀରେ ସେ ଥିଲେ ବଡ଼। ରୂପଶ୍ରୀ ରେଭେନ୍ସା ମହାବିଦ୍ୟାଳୟରୁ ୧୯୭୫ ମସିହାରେ ଅଜୈବ ରସାୟନ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେବାପରେ ୧୯୭୬ ଜୁଲାଇରୁ ୧୯୭୭ ଜାନୁୟାରୀ ଶେଷ ପର୍ଯ୍ୟନ୍ତ ରେଭେନ୍ସା ମହାବିଦ୍ୟାଳୟରେ ପ୍ରଫେସର ସ୍ୱର୍ଗତ ସର୍ବେଶ୍ୱର ଗୁରୁଙ୍କର ତତ୍ତ୍ୱାବଧାନରେ ଜିଓକେମିଷ୍ଟ୍ରି ଗବେଷଣାରେ ବ୍ୟବହୃତ ଟ୍ରାଞ୍ଜିସନ୍ ମେଟାଲ୍ କମ୍ପ୍ଲେକ୍ସର ସିନ୍ଥେସିସ୍ ଏବଂ ଉପଯୋଗିତା ଉପରେ ଗବେଷଣା ପାଇଁ ୟୁ.ଜି.ସି. ଫେଲୋଶିପ୍ ପାଇଥିଲେ। ଏହି ସମୟରେ ସେ ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟାପିକା ଜୀବନ ଆରମ୍ଭ କରିବା ସହିତ, ରସାୟନ ବିଜ୍ଞାନର ଅଧ୍ୟାପକ ଶଶଧର ସାମଲଙ୍କୁ ବିବାହ କଲେ। ତାଙ୍କର ଦୁଇଟି କନ୍ୟା। ୧୯୯୨ ମସିହାରେ ଭଦ୍ରକ କଲେଜରୁ ବଦଳି ହୋଇ କଟକର ଶୈଳବାଳା, ଜେ. କେ. ବି. କେ. ଓ ପରିଶେଷରେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟାପନା କରିବା ସହିତ ଗବେଷଣା ଜାରି ରଖି ୧୬ ବର୍ଷର କଠିନ ପରିଶ୍ରମ ପରେ ୧୯୯୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ. ଡି. ଡିଗ୍ରୀ ହାସଲ କରିଥିଲେ। ଏହାପରେ ୧୯୯୯ ମସିହାରେ ଡ. ଦାସ ରସାୟନ ଶାସ୍ତ୍ରରେ ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁ ସହରରେ ଗବେଷଣା ଆରମ୍ଭ କରିଥିଲେ। ୨୦୦୦ ମସିହା ଫେବୃୟାରୀ ମାସର କଥା। ଏକ ସନ୍ଧ୍ୟାରେ ତାଙ୍କୁ ଖବର ମିଳିଲା ପ୍ରଫେସର ଜାଙ୍ଗଜୁ କିମ୍ ତାଙ୍କ ଗବେଷଣା ପାଇଁ ଜଣେ ଅଜୈବିକ ରସାୟନ ବିଶେଷଜ୍ଞଙ୍କୁ ଆବଶ୍ୟକ କରୁଛନ୍ତି। ତାହା ମଧ୍ୟ ଅଜୈବିକ କମ୍ପ୍ଲେକ୍ସ ଉପରେ। ସତେ ଯେପରି ଏହା ଥିଲା ବିଧିର ନିର୍ଦ୍ଦେଶ। ପ୍ରଫେସର କିମ୍‌ଙ୍କ ନେତୃତ୍ୱରେ ଗବେଷଣା ପାଇଁ ୨୦୦୦ ମସିହାରେ ଡ. ଦାସ ଯୋଗଦେଲାବେଳକୁ ଅତ୍ୟାଧୁନିକ ଡିସ୍ ପ୍ଲେ ପରଦା ପାଇଁ ଗବେଷଣାର ପ୍ରାରମ୍ଭିକ ପର୍ଯ୍ୟାୟ। ଇରିଡିୟମ୍ କମ୍ପ୍ଲେକ୍ସ ବ୍ୟବହାର କରି ଓ.ଏଲ.ଇ.ଡି ଜାତୀୟ ଡିସପ୍ଲେ ପରଦା ଆବିଷ୍କାର କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ଏଭଳି ଚାଲେଞ୍ଜକୁ ହାତକୁ ନେଇ ଡ. ଦାସ ଗବେଷଣା କାର୍ଯ୍ୟରେ ଲାଗିପଡିଲେ ଓ ଦୁଇ ବର୍ଷ ମଧ୍ୟରେ ଅନେକ ନୂଆ ଇରିଡିୟମ୍ କମ୍ପ୍ଲେକ୍ସ ତିଆରି କରିବାରେ ସକ୍ଷମ ହୋଇପାରିଥିଲେ। ଏହାମଧ୍ୟରେ ସାମ୍‌ସଙ୍ଗ ଇଲେକ୍‌ଟ୍ରୋନିକ୍ସର ଗବେଷଣା ଓ ବିକାଶ କେନ୍ଦ୍ରରେ ୨୦୦୩ ମସିହାରେ ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଭାବେ ଡ. ଦାସ ଯୋଗଦେଲେ। ଆଉ ତାଙ୍କର ଆବିଷ୍କାର ଏସ.ଏ.ଆଇ.ଟି. ର ଉଚ୍ଚ ପଦାଧିକାରୀଙ୍କୁ ମଧ୍ୟ ଚମତ୍କୃତ କରିଥିଲା। ଡ. ଦାସଙ୍କ ଦ୍ୱାରା ପ୍ରସ୍ତୁତ ଇରିଡିୟମ କମ୍ପ୍ଲେକ୍ସ ଉତ୍କୃଷ୍ଟ ମାନର ବୋଲି ଯୋଗ୍ୟ ବିବେଚିତ ହେଲା। ଦେଶ ବିଦେଶରେ ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀରେ ତାଙ୍କର ଗବେଷଣା ଉଚ୍ଚ ପ୍ରଶଂସିତ ହେଲା। ଆମେରିକା, ଜାପାନ, ରୁଷିଆ, ଜର୍ମାନୀ ଓ କୋରିଆରେ ଆନ୍ତର୍ଜାତିକ ସମ୍ମିଳନୀରେ ନିଜର ଗବେଷଣା ପାଇଁ ସେ ଏସ୍.ଏ.ଆଇ.ଟି. ର ପ୍ରତିନିଧିତ୍ୱ କରିଥିଲେ। ବିଭିନ୍ନ ଆନ୍ତର୍ଜାତିକ ପତ୍ର ପତ୍ରିକାରେ ତାଙ୍କର ଗବେଷଣା ସମ୍ବନ୍ଧିତ ପ୍ରବନ୍ଧ ପ୍ରକାଶ ପାଇଲା। କମର୍ସିଆଲ୍ ଓ.ଏଲ.ଇ.ଡି. ଡିସପ୍ଲେରେ ଏସ୍.ଏ.ଆଇ.ଟି. ବିଶ୍ୱର ଅଗ୍ରଣୀ ଗବେଷଣା କେନ୍ଦ୍ରଭାବେ ବିବେଚିତ ହେଲା ଓ ଡ. ଦାସ ୨୦୦୪ ମସିହାରେ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ସମ୍ମାନିତ ହୋଇଥିଲେ। ପୁଣି ୨୦୦୬ ଜାନୁୟାରୀ ୧ ତାରିଖ ଏସ.ଏ.ଆଇ.ଟି.ର ସମସ୍ତ ବୈଜ୍ଞାନିକଙ୍କ ଆଗରେ ଡ. ଦାସଙ୍କୁ 'ବେଷ୍ଟ ସାଇଣ୍ଟିଷ୍ଟ ସମ୍ମାନ' ଦିଆଯାଇଥିଲା। ଇରିଡିୟମ ସହିତ ସେ ମଧ୍ୟ ଅନ୍ୟ ଭାରୀ ଧାତୁ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଓଏଲ୍‌ଇଡିରେ ବ୍ୟବହାର କରାଯାଉଥିବା ନୂତନ ଚାର୍ଜ କଣିକା ବାହକ ଅଣୁମାନ ପ୍ରସ୍ତୁତ କରିଥିଲେ। ଓଏଲ୍‌ଇଡି ଗବେଷଣା ସହ ଇଲେକ୍ଟ୍ରୋକ୍ରୋମିକ୍ ଡିଭାଇସ୍ ଏବଂ ମ୍ୟାଟେରିଆଲ୍, ନାନୋ ପାର୍ଟିକ୍ଲସ୍ ଏବଂ ଗ୍ରାଫିନ୍ ଉପରେ କାମ କରିଛନ୍ତି। ଆମେରିକାନ୍ କେମିକାଲ୍ ସୋସାଇଟିର କେମିଷ୍ଟ୍ରି ଆଣ୍ଡ ଇଞ୍ଜିନିୟରିଂ ନିଉଜ୍ ୨୦୧୨ ମସିହାରେ ଡ. ଦାସଙ୍କର ଇଲେକ୍ଟ୍ରୋକ୍ରୋମିକ୍ ଡିଭାଇସ୍ ଏବଂ ମ୍ୟାଟେରିଆଲ୍ ସମ୍ବନ୍ଧୀୟ ଏକ ଉଦ୍ଭାବନକୁ ସେ ବର୍ଷର ଶ୍ରେଷ୍ଠ ଉଦ୍ଭାବନ ବୋଲି ମନୋନୟନ କରିଥିଲେ। ସେ ୧୩୦ ଗୋଟି ଆମେରିକୀୟ, ଜାପାନିଜ୍, ଇଉରୋପିଆନ୍, ଦକ୍ଷିଣ କୋରିଆନ୍ ଓ ଚାଇନିଜ୍ ପେଟେଣ୍ଟର ଅଧିକାରୀ ଅଟନ୍ତି। ଏକ ରାସ୍ତା ଦୁର୍ଘଟଣା ପରେ ସେ ସାମସଙ୍ଗ୍ ଇଲେକ୍‌ଟ୍ରୋନିକ୍ସରୁ ୨୦୧୫ ମସିହାରେ ଅବ୍ୟାହତି ନେଇ ୨୦୨୦ ମସିହା ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ଗାଛନ୍ ଓ ମ୍ୟଂଜି ବିଶ୍ୱବିଦ୍ୟାଳୟରେ ୨୦୧୫ରୁ ୨୦୨୦ ଗବେଷଣା ପ୍ରଫେସର ରୂପେ କାର୍ଯ୍ୟ କରି ନିଜ ଜନ୍ମ ଭୂମିକୁ ଫେରିଆସିଛନ୍ତି। ଡ. ଦାସଙ୍କର ଓଡ଼ିଆରେ ମଧ୍ୟ ବିଜ୍ଞାନ ସମ୍ବନ୍ଧୀୟ ଲେଖାମାନ ପ୍ରକାଶ ପାଉଛି। ଅନୁବାଦ ସାହିତ୍ୟ ଉପରେ ମଧ୍ୟ ତାଙ୍କର ଅନୁରାଗ ଅଛି।

ଯାଜପୁରରେ ଜନ୍ମ ଗ୍ରହଣ କରି, ବିଦେଶରେ ଉଚ୍ଚକୋଟୀର ଗବେଷଣା କରି ଶ୍ରେଷ୍ଠ ସମ୍ମାନର ଅଧିକାରୀ ହୋଇପାରିବା, ଆମ ପାଇଁ ଗର୍ବ ଓ ଗୌରବ କଥା। ଆମେ ବ୍ୟବହାର କରୁଥିବା ସାମସଙ୍ଗ୍ ପ୍ରସ୍ତୁତ ଡିସପ୍ଲେ ସ୍କ୍ରିନ ନିର୍ମାଣ ପଛରେ ଜଣେ ଓଡ଼ିଆ ମହିଳାଙ୍କ କିଛି ଅବଦାନ ରହିଛି, ଏହା ହୁଏତ ବହୁତ କମ୍ ଲୋକ ଜାଣିଥିବେ। ଡ. ଦାସଙ୍କ ପରି ଜଣେ ଓଡ଼ିଆ ବୈଜ୍ଞାନିକଙ୍କର ଉଦ୍ଭାବନ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ଉପକାରରେ ଲାଗିପାରିଲା ତାହା ବାସ୍ତବିକ ତାଙ୍କ ପରିଶ୍ରମର ଶ୍ରେଷ୍ଠ ପୁରସ୍କାର।

ଦକ୍ଷିଣ କୋରିଆରେ ନିଜର ଗବେଷଣା ପାଇଁ ଦୁଇ ଦୁଇ ଥର ଶ୍ରେଷ୍ଠ ବୈଜ୍ଞାନିକର ଗୌରବ ଲାଭ କରିଥିବା ରୂପଶ୍ରୀ ରାଗିଣୀ ଦାସଙ୍କର ସାମ୍‌ସଙ୍ଗ ଡିସପ୍ଲେ ସ୍କ୍ରିନ ନିର୍ମାଣ ପଛରେ ରହିଛି ପ୍ରମୁଖ ଅବଦାନ। ଦେଶବିଦେଶରେ ବିଭିନ୍ନ ଆନ୍ତର୍ଜାତିକ ସମ୍ମିଳନୀରେ ତାଙ୍କର ଗବେଷଣା ଉଚ୍ଚ ପ୍ରଶଂସିତ ହେବାସହ ଆମେରିକା, ଜାପାନ, ଋଷିଆ, ଜର୍ମାନୀ ଓ କୋରିଆର ଆନ୍ତର୍ଜାତିକ ସମ୍ମିଳନୀରେ ନିଜର ଗବେଷଣା ପାଇଁ ସେ ଏସ୍.ଏ.ଆଇ.ଟି.ର ପ୍ରତିନିଧିତ୍ୱ ବି କରିଛନ୍ତି...





-ପ୍ରିୟମ୍ବଦା ରଥ, ହାଇଦ୍ରାବାଦ
ମୋ:୮୬୮୮୯୫୭୮୦୦







# ଅବ୍ୟକ୍ତ

ବତୀଖୁଣ୍ଟରେ ଝୁଲୁଥିବା
ପରସ୍ତ ପରସ୍ତ ସ୍ୱପ୍ନ
କୁହେଳିକାର ମୁଠାରୁ
ଝରି ଝରି ସରି ଆସୁଥିବା ଜୀବନ
ତମ ମୋ ଓଠ ଛୁଇଁ ନ ଥିବା ସେ
ଭ୍ରମର
ମଥାରୁ ଅଳ୍ପ ଖସି
ପୁଣି ସଜାଡ଼ିହେଉଥିବା ରାତି
କ୍ରମଶଃ କ୍ଷୀଣ ହେଇ ଆସୁଥିବା
ଭାଦୁଅ ଜହ୍ନ
କୁହୁକ ପାନ୍ଥଶାଳାରେ
କୁଆଁରୀ ଓଢ଼ଣା ଫାଙ୍କରୁ
ସେ ବତୁରା ସକାଳ ଆଉ
ଆଉ
ସେ ଦିଗହରା ପାନ୍ଥିକ
ମେଘର କାନ୍ଥରେ
ଆମେ ଛାଡ଼ିଯାଇଥିବା
ସେ ଅପବାଦର ହସ୍ତାକ୍ଷର
ମୋ ଆଖିରେ ଜକେଇଯାଇଥିବା
ଦୁଇ ଟୋପା ଜୀବନ।।

**–ସ୍ମୃତିରଞ୍ଜନ ତ୍ରିପାଠୀ**
ଜଟଣୀ, ଖୋର୍ଦ୍ଧା
ମୋ:୯୪୩୮୩୧୫୩୮୧

# ବର୍ଷା

ତୁ ଆସିଲେ ....
ବର୍ଷିଯାଏ ମୋ ଭିତରେ
ବାତାୟନ ସେ ପାଖରେ ତୁ,
ସତେକି ମୋ ନୟନ
ଫାଙ୍କରେ ନିଜେ ମୁଁ !

କେଉଁ ବାଦଲର ଓଠ ଦେଇ
ଝରିପଡ଼େ ଲୁହ ,
ସେ ବାଦଲ ସତେ ଅବା
ମୋ ମନର କୋହ !

ବର୍ଷା ତୋ’ ବିରତିରେ
ସମ୍ପର୍କର ହୋଇଯାଏ ଇତି
ତୁ ମୋତେ ଶିଖାଇଲୁ
ଗାଇବାକୁ ବିରହର ଗୀତି !

***–ଜୟନ୍ତୀ ବିଶ୍ୱାଳ ବେହୁରିଆ***
କୃଷ୍ଣନଗର, ବାଲେଶ୍ୱର
ମୋ:୮୯୮୪୬୪୨୫୦୩



# ନଖ

**– ସୁଷମା ଦାଶ**

ମାର୍ଗଶିର ମାସ ଗୁରୁବାର। ବାସନତକ ସେମିତି ପଡ଼ିରହିଛି ସିଙ୍କ୍‌ରେ ଗଲା ରାତିରୁ। ବୁଢ଼ୀ ଦେହ ସହନ୍ତା ବା କିପରି ?

ଆଖି ଘୂରିଗଲା ଶୋଇବାଘର ଆଡ଼େ। ପୁଅ ବୋହୂର ସଯତ୍ନ ବର୍ଦ୍ଧିତ ନଖରେ ନେଲ୍ ପେଣ୍ଟ ଲଗାଇ ଦେଉଛି। ନାତୁଣୀ ନୂଆ ଡ୍ରେସ୍ ପିନ୍ଧି ମିରର୍ ସାମ୍ନାରେ ପରଖି ନେଉଛି ନିଜକୁ।

‘‘ମାମା ବାହାଘର ପୂର୍ବରୁ ନିଜ ଶାଢ଼ିଟା ଥରେ ପିନ୍ଧି ନିଅ। ବ୍ଲାଉଜ ଫିଟିଂ ହେଉଛି କି ନାହିଁ ଜଣାଯିବ,ନ ହେଲେ ଶେଷ ବେଳେ ପୁଣି ଦୌଡ଼ିବ ଟେଲର ପାଖକୁ। ’’

ବୁଢ଼ୀ ବାସନ ତକ ମାଜିବାରେ ମନ ଦେଲା।

ହ... ଓ...

କେତେଟା ବାସନ କି ଏ ? କଳା ସାଲୁବାଲୁ ଏମିତି ଗାଡ଼ିଏ ଗାଡ଼ିଏ ବାସନ ମାଜେ ପୋଖରୀ ହୁଡ଼ାରେ ବସି ବସି। ପିତଳହାଣ୍ଡି , ଡେକେଚି, କରେଇ ,ଧାନଉଁସା ବଡ଼ ବଡ଼ ହଣ୍ଡା ....

ଅବଶ୍ୟ ସେ ବଳ କି ଦେହ ଆଉ ନାହିଁ ଏବେ ।

ଓଃ...

ନିଜ ଅନ୍ୟମନସ୍କତାରେ କଟିଗଲା ହାତ । ଜକେଇ ଆସିଲା ରକ୍ତ ...

ଟିକେ ସାବଧାନ ନ ରହିଲେ ଆପଣାର ନଖରେ ବି କ୍ଷତାକ୍ତ ହୁଏ ନିଜ ଚମ !

ଅସତର୍କତାରେ ରାମ୍ପି ଦେଇଥିବା ଚମ ଉପରେ ବରୋଲିନ୍ ଲଗାଇଲା ବୁଢ଼ୀ।

ସାବୁନଖିଆ ଟାଉସିଆ ହାତରେ ବରୋଲିନ୍ ବାଜି ପୋଡ଼ିଉଠି ଥଣ୍ଡା ଲାଗିଲା ।

ବୁଢ଼ୀ ନିଜ ଲୁଗା କାନିରେ ପୋଛିଲା ଆଖିଲୁହ ଓ ଓଦା ହାତ।

ଡାହାଣ ହାତର ଆଙ୍ଗୁଳି ନଖ ସବୁ ବଢ଼ିଯାଇ ବଡ଼ ବଡ଼। କେତେବେଳେ ଦାନ୍ତରେ କି ବାଁ ହାତରେ ଛିଡ଼ାଇ ଦିଏ। ସେଥିଯୋଗୁ ଅସାଇଜ ତୀକ୍ଷ ନଖରେ କଟିଯାଏ ଚମ କୁଣ୍ଡାଇହେଲା ବେଳେ କି ଅସାବଧାନତାରେ ।

ଆଉ ଆଖିକୁ କ’ଣ ଭଲ ଦିଶୁଛି ଯେ କାଟିବ ବ୍ଲେଡ୍‌ରେ। ସେ ଯେଉଁ ନଖକଟା ସେଥିରେ କେମିତି କେଜାଣି କଟାହୁଏ ନଖ ?

ଏଇ ଗଜୁରି ଆସୁଥିବା ନଖକୁ ଖୁଣ୍ଟିଖାଣ୍ଟି କଟୁଥିଲା କେତେ,କାଳେ ନଖରେ ମଳି ପଶି ଖାଦ୍ୟରେ ଚାଲିଯିବ ଛୁଆଙ୍କ ପେଟକୁ। କାଳେ ଛୁଆଙ୍କୁ ତେଲ ଘସିଦେବା , ଗାଧେଇ ପାଧେଇ ଦେବାବେଳେ ବାଜି କଟିଯିବ କୋମଳ ଚମ !

ହେଲେ ଆଜି ଆଖିକୁ ଭଲକି ଦିଶୁନି। ହାତରେ ବି ନାହିଁ ଆଗ ପରି ଦମ୍ଭ କି ମନରେ ଏକାଗ୍ରତା ।



ନିଜ ଦେହରୁ ବାହାରୁଥିବା ଏ ଶୁଷ୍କ ମୃତକୋଷରେ ଲହୁଲୁହାଣ ହୁଏ ମଣିଷ । ତଥାପି ଅଭିମାନ କରି ହୁଏନା କି ଅଭିଯୋଗ !

ବୁଢ଼ୀ ଝରକା ପାଖ ଆଲୁଅରେ କାଟିବାକୁ ବସିଲା ବ୍ଲେଡ୍ ଧରି , ହେଲେ କାଟିପାରିବ ତ ଠିକ୍‌ରେ ? ନା, ଆହୁରି ଲହୁ ଲୁହାରେ ଲତପତ ହେବ ?

କେ–୪୦୩,ଟ୍ରାଇଡେଣ୍ଟ ଗାଲାକ୍ସି,
ଇକରାପୁର,ଘାଟିକିଆ,ଭୁବନେଶ୍ୱର,
ମୋ–୭୦୦୮୨୧୦୯୬୦



କ୍ୟାଟ୍ରିନା



ଅଜୟ

# ଟୁ-ଇନ୍-ୱାନ୍ ଅଜୟ

ଅଜୟ ଦେବଗନଙ୍କୁ ଦର୍ଶକ ଖୁବ୍ ଶୀଘ୍ର ଟୁ-ଇନ୍-ୱାନ ଭୂମିକାରେ ଦେଖିବାକୁ ପାଇବେ। ସେ ଏକାଧାରରେ ଜଣେ ପ୍ରଶିକ୍ଷକ ଏବଂ ମ୍ୟାନେଜରର ଦାୟିତ୍ୱ ତୁଲାଉଛନ୍ତି। କଥା କ'ଣ କି ନିର୍ମାଣାଧିନ ସିନେମା 'ମଇଦାନ୍'ରେ ତାଙ୍କୁ ଏପରି ରୋଲ୍ ମିଳିଛି। ଫୁଟବଲ ଉପରେ ଆଧାରିତ ଏହି ଫିଲ୍ମରେ ସେ ଟିମ୍‌ର କୋଚ୍ ଏବଂ ମ୍ୟାନେଜର ସାଜିଛନ୍ତି। ଏ ନେଇ ଅଜୟ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। କାରଣ ଆମ ଦେଶରେ ଫୁଟବଲ୍‌ର ଚାହିଦା ରହିଛି। ଏହାକୁ ଆଧାର କରି ପ୍ରସ୍ତୁତ ହେଉଥିବା ସିନେମାରେ ମୁଁ ଜଣେ ଫୁଟବଲ କୋଚ୍ ଏବଂ ଉକ୍ତ ଦଳର ମ୍ୟାନେଜର ଭୂମିକାରେ ଅଭିନୟ କରୁଛି।' ଅକ୍ଟୋବର ମଧ୍ୟ ଭାଗରୁ ଏହାର ୨୫ଦିନିଆ ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି। ଭାରତୀୟ ଫୁଟବଲ୍ ଦଳର ସଫଳ ଇତିହାସକୁ ନେଇ ଏହି ଫିଲ୍ମଟି ନିର୍ମିତ ହେଉଛି। ଏହି ଫିଲ୍ମରେ ୫୦-୬୦ ଦଶକରେ ଭାରତୀୟ ଫୁଟବଲ ଦଳର କୋଚ୍-କମ୍-ମ୍ୟାନେଜର ଦାୟିତ୍ୱ ତୁଲାଇଥିବା ସୟଦ ଅବଦୁଲ ରହିମ ଭୂମିକାରେ ଅଜୟ ଅଭିନୟ କରୁଛନ୍ତି।

# ଟିପ୍ସ ବାଣ୍ଟୁଛନ୍ତି କରୀନା

କରୀନା ଏବେ ଟିପ୍ସ ବାଣ୍ଟୁଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ଆକ୍ଟିଂ ପାଇଁ। ଆଉ ତାଙ୍କର ଏହି ମିଶନ ସେ କାହା ପାଖରୁ ଆରମ୍ଭ କରିଛନ୍ତି ତାହା ଜଣାଇ ଦେବା ଠିକ୍ ହେବ। ପତିଦେବ ସୈଫ ଅଲ୍ଲୀଖାଁଙ୍କ ପାଖରୁ ସେ ନିଜର ଅଭିଯାନ ଷ୍ଟାର୍ଟ କରିଛନ୍ତି। ଏ ନେଇ ସେ କହନ୍ତି, 'ଜଣେ ଅଭିନେତା ନିଜ ଅଭିନୟକୁ ନେଇ ସିରିୟସ ହେବା ସବୁଠାରୁ ବଡ କଥା। ଏ ନେଇ ଅନେକ ତ ସଚେତନ ଥାଆନ୍ତି, ହେଲେ ଏପରି କିଛି ଅଭିନେତା ଅଛନ୍ତି ଯେଉଁମାନେ ନିଜ ରୋଲକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାନ୍ତି। ତାଙ୍କର ଅଭିନୟକୁ ନେଇ କେହି ଯଦି ନକାରାତ୍ମକ ମତ ଦିଅନ୍ତି ତେବେ ସେ କେବେ ମନ ଦୁଃଖ କରି ନ ଥାନ୍ତି। ଏପରି କି ସୋସିଆଲ ମିଡିଆରେ ପ୍ରଶଂସକଙ୍କ ମତକୁ ମୁଁ ସବୁବେଳେ ସମ୍ମାନ ଦେଇଥାଏ। ଏବେ ମୋର କେତେଜଣ ସାଙ୍ଗ ମୋଠାରୁ ଆକ୍ଟିଂ ଟିପ୍ସ ନେଉଛନ୍ତି। ଏ ନେଇ ମୁଁ ଯେତିକି ଜାଣିଛି ସେମାନଙ୍କୁ ସେକଥା ଭଲ ଭାବରେ ବୁଝାଉଛି।' ତେବେ କରୀନାଙ୍କ ଆକ୍ଟିଂ ଟିପ୍ସ କେତେ ଫଳପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।



କରୀନା

# ସାହସୀ ମୌନି



ମୌନି

ମୌନି ରୟଙ୍କ ସାହସକୁ ନିଶ୍ଚୟ ମାନିବାକୁ ପଡିବ। ନିକଟରେ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଯେଉଁଭଳି ଷ୍ଟଣ୍ଟ ଶଟ୍ ଦେଲେ ତାହା ଦେଖି କେବଳ ନିର୍ଦ୍ଦେଶକ ନୁହଁନ୍ତି ୟୁନିଟର ସମସ୍ତ ସଦସ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏକ ଫାଇଟ୍ ଦୃଶ୍ୟରେ ତାଙ୍କୁ ଘୋଡା ଉପରୁ ଡେଇଁବାର ଥିଲା। ଏପରି ଶଟ୍ ମାତ୍ର ଦୁଇ ଥର କଟ୍ ହେବା ପରେ ତୃତୀୟ ଥର ବେଶ୍ ସାହସର ସହ ମୌନି ଘୋଡା ଉପରୁ ଡେଇଁ ପଡିଥିଲେ। ଏଭଳି ଶଟ୍ ସମ୍ପର୍କରେ ମୌନି କହନ୍ତି, 'ସତ କଥା କହିବାକୁ ଗଲେ ମୋତେ ଘୋଡା ଚଢ଼ିବାକୁ ଡର ଲାଗେ। ହେଲେ ମନରେ ସାହସ ଏକଜୁଟ୍ କରି ଘୋଡାଚଢ଼ା ଶିଖିଥିଲି। ତା'ପରେ ଘୋଡା ଉପରୁ ଡେଇଁବା ତ ମୋ ପାଇଁ ସହଜ ନ ଥିଲା। ହେଲେ ସେହି ସମୟରେ ଆଦୌ ଡରି ନ ଥିଲି। ଅବଶ୍ୟ ଡେଇଁବା ବେଳେ ଦୁଇଥର ଟିକେ ଭୁଲ୍ ହୋଇଗଲା। ହେଲେ ତୃତୀୟ ଥର ମୁଁ ଠିକ୍ ଭାବରେ ଡେଇଁଥିଲି ଏବଂ ଶଟ୍‌ଟି ଓକେ ହୋଇଥିଲା।' ମୌନିଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ ଅପେକ୍ଷାରେ ରହିଛି।

# କେବଳ ଡ୍ୟାନ୍ସ ପାଇଁ..

କ୍ୟାଟ୍ରିନା ନିଜ ରୋଲ୍‌କୁ ନେଇ କେତେ ସଚେତନ ତାହା ନିକଟରେ ଦେଖିବାକୁ ମିଳିଛି। କଥା କ'ଣ କି ସେ ଏବେ ତୁର୍କିରେ ଡେରା ପକାଇଛନ୍ତି। କାରଣ ସେଠାରେ ସେ ଏବଂ ସଲମାନ ଖାଁ ଅଭିନୟ କରୁଥିବା ନୂଆ ସିନେମା 'ଟାଇଗର ୩'ର ଶୁଟିଂ ଚାଲିଛି। ଏବେ କ୍ୟାଟ୍ରିନା ଡ୍ୟାନ୍ସ ପ୍ରାକ୍ଟିସ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ ଏହି ଫିଲ୍ମର ଦୁଇଟି ଗୀତର ଶୁଟିଂ ତୁର୍କିରେ ହେବ। ତେଣୁ ଅଧିକାଂଶ ସମୟ ତାଙ୍କର କଟୁଛି ଡ୍ୟାନ୍ସ ଶିଖିବାରେ। ଏ ନେଇ କ୍ୟାଟ୍ରିନା କୈଫ କହନ୍ତି, 'ଯେତେବେଳେ ଏହି ଗୀତ ଦୁଇଟିକୁ ମୁଁ ଶୁଣିଲି ସେତେବେଳେ ଭାବିଲି ଏହାକୁ ଯଦି ଭଲ ଭାବରେ କୋରିଓଗ୍ରାଫି କରାଯାଏ ତେବେ ତାହା ଦର୍ଶକଙ୍କୁ ଅଧିକ ପ୍ରଭାବିତ କରିପାରିବ। ତେଣୁ ଏ ନେଇ ସଲମାନଙ୍କ ସହ ଆଲୋଚନା କରିଥିଲି। ଆସନ୍ତା ସପ୍ତାହର ଶେଷ ଭାଗରେ ଏହି ଗୀତଗୁଡିକର ଶୁଟିଂ ହେବ। ତେଣୁ ଏବେଠାରୁ ସେ ନେଇ ପ୍ରାକ୍ଟିସ ଜାରି ରଖିଛି। କେବଳ ସେତିକି ନୁହେଁ, କେବଳ ଗୁରୁତ୍ୱପୂର୍ଣ୍ଣ କାମ ନ ଥିଲେ ବାହାରକୁ ଯାଉନାହିଁ।' ଏହି ଫିଲ୍ମରେ ସଲମାନ-କ୍ୟାଟ୍ରିନାଙ୍କ ବ୍ୟତୀତ ଇମ୍ରାନ ହାସମୀ ମଧ୍ୟ ଅଭିନୟ କରୁଛନ୍ତି। ତାଙ୍କୁ ଏଥିରେ ଦର୍ଶକ ନେଗେଟିଭ ଭୂମିକାରେ ଦେଖିବାକୁ ପାଇବେ। ୟଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ଶର୍ମା।

# ରାଜବାଟିକା

ଖୁବ୍ ଶୀଘ୍ର ନୂଆ ଦ୍ୱିଭାଷୀ-ଓଡ଼ିଆ, ହିନ୍ଦୀ ସିନେମାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ରାଜବାଟିକା'। ରୋମାଞ୍ଚ ରହସ୍ୟ ଭରା ଏହି ଚିତ୍ରର ପ୍ରଯୋଜନା କରୁଛନ୍ତି କ୍ରିଷ୍ଣା ପ୍ରସାଦ। କେବଳ ସେତିକି ନୁହେଁ, ଉକ୍ତ ଚିତ୍ରର ସେ ମଧ୍ୟ ନିର୍ଦ୍ଦେଶନା ଦେବେ। ଲିଙ୍ଗରାଜ ଫିଲ୍ମସ ବ୍ୟାନରରେ ନିର୍ମିତ 'ଆତ୍ମା' ଏବଂ 'ପହଲା ପ୍ୟାର୍' ପରେ ଏହା ହେଉଛି ତୃତୀୟ ଫିଲ୍ମ। ଏ ସମ୍ପର୍କରେ କ୍ରିଷ୍ଣା କହନ୍ତି, 'ଫିଲ୍ମର କାହାଣୀ ଏବଂ କଳାକାର ଚୟନ ସହ ସଂଳାପ ଏବଂ ସଙ୍ଗୀତ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଶୁଟିଂ ସମୟରେ ମଧ୍ୟ ମୁଁ ଏହାର ପ୍ରତିଟି ଦିଗ ପ୍ରତି ନଜର ଦେବି। ଏହାର କାହାଣୀ ସମସ୍ତ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି।' ନିରଞ୍ଜନ ବଳଙ୍କ ସହ-ପ୍ରଯୋଜନାରେ ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ରିତେଶ ତ୍ରିବେଦୀ ଏବଂ ସୁଶାନ୍ତ। କ୍ରିଷ୍ଣା, ପ୍ରିୟଙ୍କା ବସୁ, ଧୀରେନ୍ ରାମେଶ୍ୱରୀ, କରନ୍, ସୋନମ ଦାସ, ଏବଂ ହରିହର ମହାପାତ୍ର ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିବେ।



କ୍ରିଷ୍ଣା-ପ୍ରିୟଙ୍କା

# ନାୟିକା ହେବ ଏମିତି

ଦୀପିକା ପାଦୁକୋନ୍‌ଙ୍କ ମନ ଏବେ ଗୋଟିଏ ଦିଗକୁ ଢ଼ଳିଛି। ଏଥର କରୋନା ସମୟରେ ଲୋକମାନଙ୍କର ଦୁଃଖଦୁର୍ଦ୍ଦଶା ଦେଖିବା ପରେ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ତେଣୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅସୁବିଧାରେ ପଡିଥିବା ଲୋକଙ୍କ ବିଷୟରେ ସୂଚନା ପାଇବା ପରେ ସେ ତାଙ୍କୁ ସହଯୋଗର ହାତ ବଢ଼ାଉଛନ୍ତି। ନିକଟରେ ଜଣେ ବ୍ୟକ୍ତିଙ୍କର କିଡନୀ ପ୍ରତ୍ୟାରୋପଣ ପାଇଁ ଆବଶ୍ୟକ ଅର୍ଥ ସେ ସହାୟତା କରିବା ସହ ତାଙ୍କର ଭଲମନ୍ଦ ବିଷୟରେ ନିଜେ ବୁଝିଥିଲେ। ନିଜର ଏଭଳି ଆଭିମୁଖ୍ୟ ବିଷୟରେ ଦୀପିକା କହନ୍ତି, 'ଲୋକମାନଙ୍କୁ ସ୍ୱାସ୍ଥ୍ୟସେବାରେ ସାହାଯ୍ୟ କରିବାଠାରୁ ଆଉ ବଡ କାମ କିଛି ନାହିଁ। ଏ ନେଇ ମୋ ପତିଦେବ ରଣବୀରଙ୍କ ସହ ଆଲୋଚନା କରିବା ପରେ ସେ ଏଥିପାଇଁ ମୋତେ ଆବଶ୍ୟକ ସହଯୋଗ କରିବେ ବୋଲି କଥା ଦେଇଛନ୍ତି। ଏ ନେଇ ଖୁବ୍ ଶୀଘ୍ର ମୁଁ ଏକ ସଂସ୍ଥା ଗଠନ କରିବାକୁ ଯାଉଛି। ଜଣେ ଲୋକର ଜୀବନ ସବୁଠାରୁ ମୂଲ୍ୟବାନ। ଜୀବନ ରକ୍ଷା ପାଇଁ ସାହାଯ୍ୟ କଲେ ତାହାଠାରୁ ପୂଣ୍ୟ କାମ ଆଉ କିଛି ନାହିଁ। ନିକଟରେ ମୁଁ ଅଭିନୟ କରିଥିବା 'ଛପାକ୍'ର ବାଲା ନାମକ ଜଣେ ଅଭିନେତା ହଠାତ୍ ଅସୁସ୍ଥ ହୋଇପଡିଲେ। ଏକଥା ଜାଣିବା ପରେ ତାଙ୍କର ସମସ୍ତ ଚିକିତ୍ସା ଦାୟିତ୍ୱ ମୁଁ ନେଇଛି।' ବର୍ତ୍ତମାନ ଦୀପିକା ନୂଆ ସିନେମା 'ପଠାନ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଶାହରୁଖ ଖାଁ।



ଦୀପିକା

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ଗହଣା, ଡ୍ରେସ୍ କିଣିଥିଲି



ଓଡ଼ିଶୀ ତଥା ମାହାରୀ ନୃତ୍ୟଶିଳ୍ପୀ **ରୂପଶ୍ରୀ ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି ...

**ପୁ**ରୀ ଦୋଳମଣ୍ଡପ ସାହିରେ ମୋ ଘର। ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ପୁରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢିଥିଲି। ପାଠପଢା ସହିତ ଓଡ଼ିଶୀ ନୃତ୍ୟ ବି ଶିଖୁଥିଲି। ମୋତେ ଯେତେବେଳେ ମାତ୍ର ୫ ବର୍ଷ ବୟସ ହୋଇଥିଲା, ସେବେଠାରୁ ମୁଁ ପୁରୀର ସଙ୍ଗୀତ କଳା ପ୍ରତିଷ୍ଠାନରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି। ପ୍ରମିଳା ପ୍ରଧାନ ଥିଲେ ମୋର ପ୍ରଥମ ଓଡ଼ିଶୀ ଗୁରୁ। ପରବର୍ତ୍ତୀ ସମୟରେ ମୁଁ ଆଦିଗୁରୁ ପଦ୍ମଶ୍ରୀ ପଙ୍କଜ ଚରଣ ଦାସଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିଖିବାକୁ ଲାଗିଲି। ମୋର ମନେଅଛି, ମୋତେ ଯେତେବେଳେ ମାତ୍ର ୭ ବର୍ଷ ହୋଇଥିଲା, ସେତେବେଳେ ପୁରୀର ବି.ଏନ୍.ଆର୍ ହୋଟେଲ୍ ତରଫରୁ ଆୟୋଜିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ମୁଁ କାଚ କଣ୍ଢେଇ ନୃତ୍ୟ ପରିବେଷଣ କରିବାକୁ ଯାଇଥାଏ। ସେଠାରେ ପ୍ରାୟ ଦୁଇଶହ, ତିନିଶହ ରସିଆନ୍ ପର୍ଯ୍ୟଟକ ବସି ମୋ ନୃତ୍ୟ ଦେଖୁଥାନ୍ତି। ସେମାନଙ୍କୁ ମୋ ନୃତ୍ୟ ପରିବେଷଣ ଏତେ ଭଲ ଲାଗିଥିଲା ଯେ, ଖୁସିରେ ସେମାନେ ମୋତେ ବହୁତ ଗିଫ୍ଟ ଦେଇଥିଲେ। ଆଉ ସେହି ସବୁ ଗିଫ୍ଟକୁ ମୋ ସାଙ୍ଗରେ ଯାଇଥିବା ମୋର ଦୁଇ ଭଉଣୀ ଜରି ଅଖାରେ ପୁରେଇକି ଆଣି ମୋତେ ଘରେ ସବୁ ଖୋଲିକି ଦେଖାଇଥିଲେ। ଏହି ଘଟଣାଟି ସେଦିନ ମୋତେ ଖୁବ୍ ପ୍ରେରଣା ଦେଇଥିଲା ଆଗକୁ ବଢିବାକୁ ଆଉ ଓଡ଼ିଶୀ ନୃତ୍ୟରେ କ୍ୟାରିୟର୍ କରିବାକୁ। ସେମିତି ଆଉ ଏକ ସ୍ମୃତିପୂର୍ଣ୍ଣ ଘଟଣା ଘଟିଥିଲା ମୁଁ ଅଷ୍ଟମରେ ପଢିଲାବେଳେ। ସ୍କୁଲ୍ ତରଫରୁ ଆୟୋଜିତ ହୋଇଥିବା ନୃତ୍ୟନାଟିକାରେ ଅତି ଚମତ୍କାର ଭାବେ ଅଭିନୟ କରିଥିବାରୁ ମୋତେ ସେଦିନ ସବୁ ସାର୍ ଓ ଗୁରୁମାମାନେ ୨୧ ଟଙ୍କା ଲେଖାଏଁ ପୁରସ୍କାର ଦେଇଥିଲେ, ଯାହାକୁ ମୁଁ ଆଜିଯାଏଁ ନିଜ ପାଖେ ସାଇତିକି ରଖିଛି। ସେହିପରି ସପ୍ତମ ଶ୍ରେଣୀରୁ ମୋତେ ଜୁନିୟର୍ ସ୍କଲାର୍‌ଶିପ୍ ମିଳିବା ମଧ୍ୟ ଆରମ୍ଭ ହୋଇଯାଇଥିଲା। ସେ ବାବଦେ ମୋତେ ପ୍ରତିମାସ ଦୁଇ ହଜାର ଟଙ୍କା ମିଳୁଥିଲା। ସେ ଟଙ୍କାକୁ ମୁଁ ଷ୍ଟେଟ୍ ବ୍ୟାଙ୍କ୍‌ରେ ଏକ ଆକାଉଣ୍ଟ ଖୋଲି ସେଥିରେ ଜମା କରି ଦେଉଥିଲି। ଏହି ସ୍କଲାର୍‌ଶିପ୍ ମୋତେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ମିଳିଚାଲିଲା। ତା'ପରଠୁ ମୁଁ ସିନିୟର୍ ସ୍କଲାରଶିପ୍ ବାବଦେ ପ୍ରତିମାସ ୫ ହଜାର ଟଙ୍କା ପାଇଚାଲିଲି। ସେ ଟଙ୍କାକୁ ବି ମୁଁ ସଞ୍ଚୟ କରୁଥିଲି। ଏମିତି କିଛିଦିନ ଯିବାପରେ ସେ ଟଙ୍କାକୁ କାଢି ମୋ ପାଇଁ ଓଡିଶୀ ନୃତ୍ୟର କିଛି ଗହଣା, ଡ୍ରେସ୍ ତଥା ମେକ୍‌ଅପ୍ ସାମଗ୍ରୀ ଆଦି କିଣିଥିଲି। ତେବେ ସଙ୍ଗୀତ କଳା ପ୍ରତିଷ୍ଠାନରୁ ଓଡ଼ିଶୀ ନୃତ୍ୟରେ ବିଶାରଦ କରିବା ପରେ ସେହି ପୁରୀରେ ଥିବା ଉଦୟନ ସାଂସ୍କୃତିକ ଏକାଡେମୀରେ ମୁଁ ଓଡ଼ିଶୀ ନୃତ୍ୟରେ ଏମ୍.ଏ କଲି ଆଉ ଗୋଲ୍ଡ ମେଡାଲ୍ ପାଇଲି। ସେତେବେଳେ ଏହି ଏକାଡେମୀଟି ବମ୍ବେସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ଅଧିନରେ ଥିଲା। ତେବେ କେବଳ ଓଡ଼ିଶୀ ନୁହେଁ ଧୀରେ ଧୀରେ ମୁଁ ମାହାରୀ ନୃତ୍ୟ ପ୍ରତି ବି ଆକର୍ଷିତ ହେଲି। ଆଉ ସେହି ନୃତ୍ୟକୁ ଶିଖିବା ପାଇଁ ଏବଂ ସେ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ମୁଁ କ୍ରମେ ହରପ୍ରିୟା ଦେବଦାସୀ, କୋକିଳପ୍ରଭା ଦେବଦାସୀ, ପରଶମଣୀ ଦେବଦାସୀ ଏବଂ ଶଶୀମଣୀ ଦେବଦାସୀଙ୍କ ମିଶିବାକୁ ଲାଗିଲି। କହିବାକୁ ଗଲେ ଶଶୀମଣୀ ଦେବଦାସୀଙ୍କର ମୁଁ ଯେମିତି ଥିଲି ପାଳିତା ଝିଅ। ତେବେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ତଥା ଜଗନ୍ନାଥଙ୍କର ପ୍ରିୟ ଏହି ମାହାରୀ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟକୁ ଦେଶ, ବିଦେଶରେ ପ୍ରଚାର କରିବାର ଭାର ନିଜ ହାତକୁ ନେଇ ରୂପଶ୍ରୀ କଳାମନ୍ଦିର ନାମରେ ଏକ ନୃତ୍ୟାନୁଷ୍ଠାନ ପୁରୀ ହେରାଗୌରୀ ସାହିରେ ଖୋଲିଲି। କିଛିଦିନ ପରେ ଭୁବନେଶ୍ୱରର ସାଆନ୍ତରାପୁରରେ ବି ଏହାର ଏକ ଶାଖା ଅନୁଷ୍ଠାନ ଖୋଲି ସେଠାରେ ପିଲାମାନଙ୍କୁ ନୃତ୍ୟଶିକ୍ଷା ଦେବାକୁ ଲାଗିଲି। କେବଳ ସେତିକି ନୁହେଁ, କେରଳର ଗୁରୁବାହୀ ମନ୍ଦିର ଏବଂ କଲିକତାକୁ ମଧ୍ୟ ଯାଇ ସେଠାରେ ପିଲାମାନଙ୍କୁ ନୃତ୍ୟଶିକ୍ଷା ଦେଉଛି। ଏଥିସହିତ ମୁଁ ବର୍ତ୍ତମାନ ବମ୍ବେସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟର ଅଧ୍ୟାପିକା ଭାବେ କାର୍ଯ୍ୟରତ। ତେବେ ଓଡ଼ିଶୀ ନୃତ୍ୟ ସହିତ ଜଗନ୍ନାଥ ସଂସ୍କୃତିର ଲୁକ୍କାୟିତ ପରମ୍ପରା ମାହାରୀ ନୃତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ମୋର ଉଲ୍ଲେଖନୀୟ ଅବଦାନକୁ ଦେଖି ୧୯୯୬ ମସିହାରେ ମୋର ଗୁରୁ ପଙ୍କଜ ଚରଣ ଦାସ ମୋତେ ରବୀନ୍ଦ୍ର ମଣ୍ଡପରେ ପ୍ରଥମ ମାହାରୀ ସମ୍ମାନରେ ସମ୍ମାନିତ କରିଥିଲେ, ଯାହାକି ମୋ ପାଇଁ ଥିଲା ସବୁଠୁ ମୂଲ୍ୟବାନ।

*–ଅନ୍ବିତା*

ସାଥୀ



# ମନରେ ରହିଛି ମନର କଥା, ଭାବି ଭାବି ଘୁରି ଯାଉଛି ମଥା

**ପ୍ରଶ୍ନ–**ମୋ ମନର ମାନସୀକୁ ନେଇ କାହିଁ କେତେ ଭାବିଛି। ସେ ଆସିବ। ମୋ ପାଖରେ ବସିବ। ଆମେ ଗପି ଗପି ସମୟ କଟାଇ ଦେବୁ। ଦିନ କି ରାତି ଜଣାପଡିବ ନାହିଁ। ହେଲେ ତାକୁ କେମିତି ପାଇବି ଜାଣିପାରୁନାହିଁ।

*–ସୁବ୍ରତ ରାଉତ, ବଲାଙ୍ଗୀର*

**ଉତ୍ତର :** ଆପଣଙ୍କ ପ୍ରେମିକାକୁ ନେଇ ଢ଼େର ସ୍ୱପ୍ନ ଦେଖୁଛନ୍ତି। ତା' କଥା ୨୪x୭ ଭାବୁଛନ୍ତି। ହେଲେ ଲାଭ କ'ଣ ହେଉଛି କହିଲେ ? ଏମିତି ଭାବିଲେ ଆପଣଙ୍କ ଭାବନାର ବୁଢ଼ିଆଣୀ ସୂତା ଲମ୍ବି ଲମ୍ବି ଚାଲିବ। 'ମନରେ ରହିଛି ମନର କଥା, ଭାବି ଭାବି ଘୁରି ଯାଉଛି ମଥା।' ତେଣୁ ଏଭଳି ପ୍ରେମରେ ବୁଡି ରହିଲେ ଲାଭ ମିଳିବା ଅପେକ୍ଷା ଟେନସନ ଅଧିକ। ତେଣୁ ପ୍ରଥମେ ମନର ମାନସୀଟିଏ ଠାବ କରି ତା' ସାମନାରେ ନିଜ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ଉଗାଳି ପକାନ୍ତୁ। ଯଦି ମନରେ ମନ ମିଶି ଗଲା, ତେବେ ତା'ପରେ ସୋନେ ପେ ସୁହାଗା, ନା କ'ଣ କହୁଛନ୍ତି ?

**ପ୍ରଶ୍ନ–**ଜଣେ ଝିଅକୁ ଭଲ ପାଉଥିଲି। ସେ ମୋତେ ଭଲ ପାଉଥିଲା। ଏବେ କିନ୍ତୁ ତା' ଆଚାର ବ୍ୟବହାର ଠିକ୍‌ଠାକ୍ ଲାଗୁନାହିଁ। ମୁଁ କ'ଣ କରିବି ?

*–ତନ୍ମୟ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର :**ବେଳେବେଳେ ପ୍ରେମର ପାଣିପାଗ ଏମିତି ବଦଳି ଯାଏ। ଦିନ ଥିଲା ସେ ସୁନ୍ଦରୀ ଆପଣଙ୍କ ମନ ରାଇଜରେ ଘର କରିଥିଲା। ହେଲେ ହୁଏତ କୌଣସି କାରଣରୁ ତାହାର ମନ ବଦଳି ଯାଇଛି। ତେଣୁ ଆପଣଙ୍କ ପ୍ରେମର ଭବିଷ୍ୟତକୁ ନେଇ ଆପଣ ଏବେ ସନ୍ଧୀହାନ୍। ଯଦି ଆପଣଙ୍କୁ ଆଉ ନିଜ ପ୍ରେମିକା ଉପରେ ଭରସା ପାଉନି, ତେବେ ସେଭଳି ପ୍ରେମରେ ଯବନିକା ଟାଣିଦେଲେ ଭଲ। ନ ହେଲେ ଅଧା ରସ୍ତାରେ ଠିଆ ହୋଇ ଏମିତି ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ–**ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ? *–ମୃତ୍ୟୁଞ୍ଜୟ ଧଳ, କଟକ*

**ଉତ୍ତର :** ପ୍ରେମର ପାଣିପାଗକୁ ନେଇ ଏହାର ସ୍ୱାଦ ଅନୁଭୂତ ହୋଇଥାଏ। ପ୍ରେମ ଯଦି ନିର୍ମଳ ରହିଲା ତେବେ ତାହାର ସ୍ୱାଦ ରସଗୋଲା ପରି ମିଠା। ଯଦି ପ୍ରେମରେ କେଁକଟର ଲାଗି ରହିଲା, ତେବେ ତାହା ଆମ୍ବିଳା ଲାଗିଥାଏ। ତେଣୁ ପ୍ରେମକୁ ସବୁବେଳେ ସଜଫୁଟା ଗୋଲାପ ଫୁଲ ପରି ସତେଜ ରଖନ୍ତୁ। ତା'ହେଲେ ତାହାର ସ୍ୱାଦ କେତେ ମଧୁର ଆପେ ଜାଣିପାରିବେ।

**ପ୍ରଶ୍ନ–**ଜଣେ ଝିଅ ହସିଲା ମାନେ ଫସିଲା। ଏକଥା କେତେ ସତ ? *–ରୁଦ୍ର କୁମାର, ନବରଙ୍ଗପୁର*

**ଉତ୍ତର :** ଝିଅଟି ଯଦି ହସିଲା, ଆଉ ସେହି ହସରେ ପ୍ରେମର ବାସ୍ନା ରହିଛି, ତେବେ ସେ ଫସିବାର ଅନେକ ଚାନ୍ସ ରହିଛି। ଯଦି ସେ ହସ କେବଳ ଉପରକୁ ରଙ୍ଗୀନ ତେବେ ସେଭଳି ହସକୁ ନେଇ ପ୍ରେମର ମୀନାର ଗଢ଼ିବା କେତେ ଦୂର ସମିଚୀନ ତାହା ନିଜେ ଚିନ୍ତା କରିବା ଦରକାର। ତେଣୁ ସେହି ହସକୁ ଭଲ ଭାବରେ ତର୍ଜମା ନ କରି ଯଦି ସେଥିରେ ଭାସି ଗଲେ ତେବେ ବାଟବଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

**ପ୍ରଶ୍ନ–**ଆଜିକାଲି ଅନେକ ଯୁବକ-ଯୁବତୀ କମ୍ ବୟସରେ ପ୍ରେମ କରିବାକୁ ଆଗେଇ ଆସୁଛନ୍ତି। ସେମାନଙ୍କର ଏଭଳି ମାନସିକତା ଠିକ୍ କି ?

*–ଉତ୍ତମ, ପୁରୀ*

**ଉତ୍ତର :** ଇଏ ବଡ ଗହନ କଥା। ଯେଉଁମାନେ ପ୍ରେମ କରିବାକୁ ଆଗେଇ ଆସୁଛନ୍ତି ସେମାନେ କେଉଁ କାମ କେଉଁ ସମୟରେ ହେବା ଦରକାର ତାହା ପ୍ରଥମେ ଭାବିବା ଦରକାର। କାହାକୁ ମନା କଲେ ସେ ଆଉ ଅଟକି ରହିବ ନାହିଁ। ପ୍ରେମ ବୟସ, ସ୍ଥାନ, କାଳ ପାତ୍ର ମାନି ନ ଥାଏ। ହେଲେ ପ୍ରେମକୁ ଯଦି ଠିକ୍ ଭାବରେ ପରିଚାଳନା କରିପାରିଲେ ଆଉ ତାହା ଆପଣଙ୍କ ବ୍ୟକ୍ତିଗତ ଜୀବନ ଉପରେ ଖରାପ ପ୍ରଭାବ ପକାଇଲା ନାହିଁ, ତେବେ ସେଭଳି ପ୍ରେମରେ ମୁଣ୍ଡି ମାରିବା ଚାନ୍ସ ଅଧିକ ଥାଏ। ଆଉ ଯଦି ମନକୁ ମନ ପ୍ରେମିକ-ପ୍ରେମିକ ଏହି ରାସ୍ତାର ଯାତ୍ରୀ ହୁଅନ୍ତି, ତେବେ ସେଭଳି ପ୍ରେମ ଉଡା ବାଦଲ ପରି କୁଆଡେ ଉଡିଯାଏ ତାହା କଳ୍ପନା କରିବା କଷ୍ଟକର।

# ଶାଢ଼ି ପୁରୁଣା ଲୁକ୍ ନୂଆ



**ଶାଢ଼ି ଏମିତି ଏକ ପରିଧାନ, ଯାହାକୁ ସବୁ ଅକେଜନ୍‌ରେ ପିନ୍ଧିହେବ। କିନ୍ତୁ କିଛିଦିନ ପିନ୍ଧିବା ପରେ ତାହା ପୁରୁଣା ହେବ ନଚେତ ଆଉଟ୍ ଅଫ୍ ଫ୍ୟାଶନ୍ ହୋଇଯିବ। ହେଲେ ଟିକେ ବୁଦ୍ଧି ଖଟାଇଲେ, ପୁରୁଣା କିମ୍ବା ଆଉଟ୍ ଅଫ୍ ଫ୍ୟାଶନ ହୋଇଯାଇଥିବା ଶାଢ଼ିକୁ ବି ରିସାଇକେଲ୍ କରି ତାହାକୁ ନୂଆ ଲୁକ୍ ଦେଇହେବ....**

**ପଟିଆଲା:** ଯଦି ଆପଣଙ୍କ ପାଖେ ବ୍ରୋକେଟ୍, ସିଫନ୍ କିମ୍ବା କାଞ୍ଜିବରମ୍‌ର ପୁରୁଣା ଶାଢି ଅଛି, ତା'ହେଲେ ତାକୁ କୌଣସି ବୁଟିକ୍ କିମ୍ବା ଟେଲର୍ ପାଖକୁ ନେଇ ସେଥିରେ ପଟିଆଲା ପ୍ୟାଣ୍ଟ ତିଆରି କରିବାକୁ କୁହନ୍ତୁ। ଶର୍ଟ ଲେନ୍ଥ କମିଜ୍ ସହ ଏହି ପ୍ୟାଣ୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ଦୁପଟ୍ଟା:** ଯେ କୌଣସି ପ୍ଲେନ୍ ସାଲୱାର୍ କମିଜ୍ ସହିତ ହେଭି ୱାର୍କବାଲା ଦୁପଟ୍ଟା ବେଶ୍ ମାନିଥାଏ। ଯଦି ଆପଣଙ୍କ ପାଖେ କିଛି ହେଭି ୱାର୍କବାଲା ପୁରୁଣା ଶାଢି ଅଛି, ତା'ହେଲେ ସେଥିରେ ବି ଖୁବ୍ ସୁନ୍ଦର ଦୁପଟ୍ଟା ତିଆରି ହୋଇପାରିବ। କିନ୍ତୁ ଧ୍ୟାନ ରଖିବେ ଏଭଳି ଶାଢିରୁ ଦୁପଟ୍ଟା ତିଆରି କଲାବେଳେ ଶାଢିର ବର୍ଡର ଯେମିତି ଦୁପଟ୍ଟାର ଉଭୟ ପାର୍ଶ୍ୱରେ ରହୁଥିବ।

**ସ୍କର୍ଟ:** କଟନ୍ କିମ୍ବା ବର୍ଡର ବାଲା ଶାଢି ଅଥବା ପ୍ୟାଚ୍ କାମ ହୋଇଥିବା ପୁରୁଣା ଶାଢିରୁ ସ୍କର୍ଟ ତିଆରି କରି ପିନ୍ଧିଲେ ଆକର୍ଷଣୀୟ ଲାଗିଥାଏ। ବିଶେଷକରି ଏଥିରୁ ତିଆରି ୱାର୍ପ ଆରାଉଣ୍ଡ ସ୍କର୍ଟ କିମ୍ବା ଏ ଲାଇନ୍ ସ୍କର୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**କୁର୍ତ୍ତି:** ପୁରୁଣା ଶାଢିକୁ ରିସାଇକେଲ୍ କରି ଯଦି ସବୁଠୁ ସହଜରେ କ'ଣ କରିହେବ, ତେବେ ତାହା ହେଉଛି କୁର୍ତ୍ତି ବା କୁର୍ତ୍ତା। ସିଫନ୍, ଜର୍ଜେଟ୍ ଅଥବା କଟନ୍ ଶାଢି ଏଥିପାଇଁ ପରଫେକ୍ଟ ହୋଇଥାଏ। କିନ୍ତୁ ଏହି କୁର୍ତ୍ତି ତିଆରି କଲାବେଳେ ଏଥିରେ ଲାଇନିଙ୍ଗ୍ ଦେବା ନିହାତି ଜରୁରୀ। କଣ୍ଟ୍ରାଷ୍ଟ କଲର୍‌ର ଟ୍ରାଉଜର୍ କିମ୍ବା ପ୍ଲାଜୋ ପ୍ୟାଣ୍ଟ ସହ ଏହି କୁର୍ତ୍ତି ବେଶ୍ ଭଲ ମାନିଥାଏ।

**ବ୍ଲାଉଜ୍:** ବ୍ଲାଉଜ୍ ତିଆରି ପାଇଁ ପୁରୁଣା ସିଲ୍କ ଶାଢି ଭଲ ହେବ। ହେଲେ ପୁରୁଣା ଜର୍ଜେଟ୍ ଓ ନେଟ୍ ଶାଢିରେ ତିଆରି ବ୍ଲାଉଜ୍ ସେତେଟା ଆକର୍ଷଣୀୟ ଲାଗି ନ ଥାଏ।

**ଛୋଟ ଝିଅଙ୍କ ଡ୍ରେସ୍:** ଶାଢିରେ ଛୋଟ ଝିଅଙ୍କ ପାଇଁ ବି ଖୁବ୍ ସୁନ୍ଦର ସୁନ୍ଦର ଡ୍ରେସ୍ ତିଆରି କରିହେବ। ଶାଢିରେ ତିଆରି ଘେରବାଲା ନି ଲେନ୍ଥ ଫ୍ରକ୍ ନଚେତ୍ ଅନାରକଲି ଝିଅମାନଙ୍କୁ ଖୁବ୍ ସୁନ୍ଦର ଲାଗିଥାଏ।

**ସ୍କାର୍ଫ:** ଶାଢିରେ ଅନାରକଲି କିମ୍ବା କୁର୍ତ୍ତି ତିଆରି କରିବା ପରେ ଯଦି ଆପଣଙ୍କ ପାଖେ ଆଉ କିଛି କପଡା ବଳି ପଡୁଛି, ତା'ହେଲେ ତାକୁ ନ ଫୋପାଡି, ସେଥିରେ ସ୍କାର୍ଫ କିମ୍ବା ଷ୍ଟୋଲ୍ ତିଆରି ମଧ୍ୟ କରିହେବ।

**ପ୍ୟାଣ୍ଟ:** ଯଦି ଆପଣଙ୍କ ପାଖେ ସିଲ୍କ ଶାଢି ଅଛି, ତା'ହେଲେ ଏଥିରେ ପ୍ୟାଣ୍ଟ ତିଆରି କରିପାରିବେ। ଖାସ୍ କରି ଶାଢିରୁ ତିଆରି ଷ୍ଟ୍ରେଟ୍ ପ୍ୟାଣ୍ଟକୁ କୁର୍ତ୍ତି ସହ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ଜ୍ୟାକେଟ୍:** ନିଜ ଲୁକ୍‌କୁ ଅଧିକ ଷ୍ଟାଇଲିଶ୍ କରିବା ପାଇଁ ଆପଣ ପୁରୁଣା ବ୍ରୋକେଟ୍ କିମ୍ବା ବନାରସୀ ଶାଢିରେ ୱେଷ୍ଟ କୋଟ୍ ଅବା ଜ୍ୟାକେଟ୍ ତିଆରି କରି ପିନ୍ଧିପାରିବେ। ଏହାକୁ ଧଳାରଙ୍ଗର ସାଲୱାର୍ କମିଜ, ଗ୍ରେ କଲର୍‌ର ଟପ୍ କିମ୍ବା ଡେନିମ୍ ଉପରେ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ।











ଅଭୀପ୍ସା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲା

## ହାଃ ହାଃ

### ଲ୍ୟାମ୍ପ

ମା' ଝିଅକୁ (କରେଣ୍ଟ ପଳେଇବାରୁ) କହିଲା – ଗଲୁ, ଟିକେ ଲ୍ୟାମ୍ପ ଜଳେଇଦେବୁ। କିଛି ସମୟ ପରେ ଝିଅ– ଜଳେଇ ଦେଲି ମା'।
ମା'– ହେଲେ ଆଲୁଅ କାହିଁକି ଦେଖାଯାଉନି।
ଝିଅ– ମା' ତମେ ଯେତେବେଳେ କହିଲ ସେତେବେଳେ ତ ମୁଁ ଯାଇ ଲ୍ୟାମ୍ପକୁ ଚୁଲି ଭିତରେ ପକେଇ ଦେଇଥିଲି ଜଳେଇବା ପାଇଁ। ଏ ପର୍ଯ୍ୟନ୍ତ ଜଳିନିକି ?

### ଚୁଟି

କୁନି ଝିଅକୁ ଜଣେ ମହିଳା– ତୋର ଚୁଟି ବହୁତ ସୁନ୍ଦର। କାହାଠୁ ଆଣିଛୁ ଏଇ ଚୁଟି, ବାପାଙ୍କଠୁ ନା ମା'ଙ୍କଠୁ ?
କୁନି ଝିଅ– ମୁଁ ଭାବୁଛି ବାପାଙ୍କଠୁ। କାହିଁକି ନା ତାଙ୍କ ମୁଣ୍ଡରେ ତ ଆଉ ଜମାରୁ ଚୁଟି ନାହିଁ। ସେ ବୋଧେ ମୋତେ ସବୁ ଚୁଟି ଦେଇଦେଇଛନ୍ତି।

### ଭାଗ୍ୟ

ପିଣ୍ଟୁ କିଣିକି ଆଣିଥିବା ପିଜୁଳିରୁ ପୋକ ବାହାରିଲା। ସେ ଦୋକାନୀ ପାଖକୁ ଯାଇ– ମୁଁ ତମଠୁ ନେଇଥିବା ପିଜୁଳିରୁ ପୋକ ବାହାରିଲା।
ଦୋକାନୀ– ଏଇଟା ତ ଭାଗ୍ୟର କଥା ଭାଇ। ଆଜି ପୋକ ବାହାରିଲା। କାଲି ସୁନା କଏନ୍ ବାହାରିପାରେ।
ପିଣ୍ଟୁ– ସତ ନା କ'ଣ ? ତା'ହେଲେ ମତେ ଆଉ ଦୁଇକିଲୋ ପିଜୁଳି ଦିଅ।








# କେଓ୍ୱଲାଦେଓ ଜାତୀୟ ଉଦ୍ୟାନ

**ରାଜସ୍ଥାନର ଭରତପୁରରେ ଥିବା ଏହି ଅଭୟାରଣ୍ୟଟି ହେଉଛି ପକ୍ଷୀପ୍ରେମୀଙ୍କ ପାଇଁ ଏକ ସ୍ୱର୍ଗୀୟ ସ୍ଥାନ। କାରଣ ଏଠାରେ ପ୍ରାୟତଃ ୨୩୦ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି...**

କେଓ୍ୱଲାଦେଓ ଜାତୀୟ ଉଦ୍ୟାନ ବା କେଓ୍ୱଲାଦେଓ ଘାନା ଜାତୀୟ ଉଦ୍ୟାନ ରାଜସ୍ଥାନର ଭରତପୁରସ୍ଥିତ ଏକ ଲୋକପ୍ରିୟ ପକ୍ଷୀ ଅଭୟାରଣ୍ୟ ଭାବେ ଜଣାଶୁଣା। ପୂର୍ବରୁ ଏହା ଭରତପୁର ପକ୍ଷୀ ବିହାର ନାମରେ ପରିଚିତ ଥିଲା। କ୍ରମେ ସ୍ଥାନୀୟ ଏକ ଶୈବପୀଠର ନାମାନୁସାରେ ଏହି ଅଭୟାରଣ୍ୟର ନାମ କେଓ୍ୱଲାଦେଓ ହେଲା। କୁହାଯାଏ, ଏଠାରେ ପ୍ରାୟ ୨୩୦ ପ୍ରଜାତିର ପକ୍ଷୀ ଦେଖାଯାଇଥାନ୍ତି। ଖାସ୍‌କରି ଶୀତଦିନେ ବହୁ ସଂଖ୍ୟାରେ ଭ୍ରମଣକାରୀ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି। ସେଥିପାଇଁ ଉକ୍ତ ସ୍ଥାନଟିକୁ ଏକ ବଡ଼ ପର୍ଯ୍ୟଟନସ୍ଥଳୀ ଭାବେ ଗଣନା କରାଯାଇଥାଏ।

## ଇତିହାସ


ଆଜକୁ ପ୍ରାୟ ୨୫୦ ବର୍ଷ ପୂର୍ବେ ଏହି ସ୍ଥାନକୁ ଠାବ କରାଯାଇଥିବା ସୂଚନା ରହିଛି। ଏଠାରେ ବହୁ ସଂଖ୍ୟାରେ ପକ୍ଷୀ ଦେଖାଯାଉଥିବା ଯୋଗୁ ଏହାକୁ ଏକ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ଦେବା ପାଇଁ ପ୍ରଥମେ ଯୋଜନା ହୋଇଥିଲା। ତେବେ ୧୯୭୧ରେ ଏହି ସ୍ଥାନକୁ ଏକ ସୁରକ୍ଷିତ ଅଭୟାରଣ୍ୟ ଭାବେ ଘୋଷଣା କରାଯିବା ସହ ୧୯୮୨ ମସିହାରେ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ସେହିପରି ୧୯୮୫ରେ ଏହି ଅଭୟାରଣ୍ୟକୁ ଓ୍ୱାର୍ଲ୍ଡ ହେରିଟେଜ୍ ସାଇଟ୍ ଭାବେ ଘୋଷଣା କରାଯାଇଥିଲା।

## କ'ଣ ଦେଖିବେ:

ପକ୍ଷୀଙ୍କ ସ୍ୱର୍ଗ କୁହାଯାଉଥିବା କେଓ୍ୱଲାଦେଓରେ ବର୍ଷକ ବାରମାସ ପ୍ରାୟ ୨୩୦ ପ୍ରଜାତିର ପକ୍ଷୀ ଦେଖାଯାଇଥାନ୍ତି। ଆଉ ଶୀତଦିନ ହେଲେ ଦେଶବିଦେଶରୁ ଆହୁରି ଅନେକ ପକ୍ଷୀ ଏଠାକୁ ଉଡ଼ିଆସିଥାନ୍ତି। ସେତେବେଳେ ଏଠାରେ ପ୍ରାୟ ୩୭୦ ପ୍ରଜାତିର ପକ୍ଷୀ ଦେଖାଯାଇଥାନ୍ତି। ମୁଖ୍ୟତଃ ଏଠାରେ ଦେଖିବାକୁ ମିଳୁଥିବା ପକ୍ଷୀଙ୍କ ଭିତରେ ବଗ ଜାତୀୟ ବିଭିନ୍ନ ପକ୍ଷୀ, ପାଣିକୁଆ ତଥା ବତକଜାତୀୟ ପକ୍ଷୀ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ଗଡ଼ୱାଲ୍, ସୋଭେଲର୍, କମନ୍ ଟେଲ୍, କଟନ୍ ଟେଲ୍, ଟଫ୍ଟ ଡକ୍, ନବ୍-ବିଲ୍ଡ ଡକ୍, ଲିଟିଲ୍ କର୍ମୋରାଣ୍ଟ, ଗ୍ରେଟ୍ କର୍ମୋରାଣ୍ଟ, ଇଣ୍ଡିଆନ୍ ସାଗ୍, ରଫ୍, ପେଣ୍ଟେଡ୍ ଷ୍ଟର୍କ୍, ହ୍ୱାଇଟ୍ ସ୍ପୁନ୍‌ବିଲ୍, ଏସିଆନ୍ ଓପେନ୍-ବିଲ୍ଡ ଷ୍ଟର୍କ, ଓରିଏଣ୍ଟାଲ୍ ଇବିସ୍, ଡାର୍ଟର୍, କମନ୍ ସ୍ୟାଣ୍ଡପାଇପର୍, ଉଡ୍ ସ୍ୟାଣ୍ଡପାଇପର୍, ଗ୍ରୀନ୍ ସ୍ୟାଣ୍ଡପାଇପର୍, ଓ୍ୱାର୍ବଲର୍, ବବ୍‌ଲର୍, ବି-ଇଟର୍, ବୁଲ୍‌ବୁଲ୍, ବର୍ଣ୍ଟିଙ୍ଗ ବାର୍ଡ, ଚାଟ୍ ବାର୍ଡ, ପେଣ୍ଟେଡ୍ ଫ୍ରାଙ୍କୋଲିନ୍ସ, କ୍ୱାଇଲ୍ସ, ଓସ୍‌ପ୍ରେ, ପେରେଗ୍ରାଇନ୍ ତଥା ଛଞ୍ଚାଣଜାତୀୟ ଅନେକ ପକ୍ଷୀ ଏଠାରେ ଦେଖିବାକୁ ମିଳିଥାନ୍ତି। ସେହିପରି ସାରସ୍ କ୍ରେନ୍‌କୁ ଦେଖିବା ଏଠାକାର ଅନ୍ୟତମ ଆକର୍ଷଣ।

ତେବେ ଏହି ଅଭୟାରଣ୍ୟରେ ଯେ କେବଳ ପକ୍ଷୀ ଦେଖାଯାଇଥାନ୍ତି ତାହା ନୁହେଁ, ଅନ୍ୟାନ୍ୟ ଜୀବଜନ୍ତୁ ବି ଏଠାରେ ଅଛନ୍ତି। ଯେମିତି କି ନୀଳଗାଈ, ଜଙ୍ଗଲୀ ଗାଈ, ହରିଣ, ଶମ୍ବର, ବାର୍‌ହା, ନେଉଳ, ଝିଙ୍କ, ବିଲୁଆ, ହେଟାବାଘ, ଜଙ୍ଗଲୀ ମୂଷା ଇତ୍ୟାଦି। ଏତଦ୍‌ବ୍ୟତୀତ ଏଠାରେ ଥିବା ସାତ ପ୍ରଜାତିର କଇଁଛ, ପାଞ୍ଚ ପ୍ରଜାତିର ଝିଟିପିଟି, ତେର ପ୍ରଜାତିର ସାପ ତଥା ସାତ ପ୍ରଜାତିର ବିଭିନ୍ନ ଉଭୟଚର ପ୍ରାଣୀ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।







## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଶୀତଦିନ ହେଉଛି ଏଠାକୁ ଆସିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବା ପାଇଁ ଅନୁକୂଳ ଥାଏ। ତା'ଛଡ଼ା ପର୍ଯ୍ୟଟକଙ୍କୁ ଏହିଦିନେ ଅନେକ ଭ୍ରମଣକାରୀ ପକ୍ଷୀଙ୍କୁ ଦେଖିବା ପାଇଁ ସୁଯୋଗ ମିଳିଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଉକ୍ତ ଅଭୟାରଣ୍ୟଠାରୁ ମାତ୍ର ୫ କି.ମି. ଦୂରରେ ରହିଛି ଭରତପୁର ଜଙ୍କଶନ ରେଲଷ୍ଟେଶନ। ନୂଆଦିଲ୍ଲୀ, ବମ୍ବେ, ଆଗ୍ରାରୁ ନିୟମିତ ବ୍ୟବଧାନରେ ଏଠାକୁ ଟ୍ରେନ୍ ଚଳାଚଳ କରିଥାଏ। ତା'ଛଡ଼ା ଦିଲ୍ଲୀ, ଆଗ୍ରା, ମଥୁରା, ଜୟପୁର, ଅଲୱାର୍ ଆଦି ସ୍ଥାନରୁ ଏଠାକୁ ନିୟମିତ ବସ୍ ମଧ୍ୟ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଏଠାରେ ଆରାମରେ ପହଞ୍ଚିପାରିବେ।

## କିଛି ସୂଚନା

ପର୍ଯ୍ୟଟକଙ୍କ ନିମନ୍ତେ ଏହି ଅଭୟାରଣ୍ୟଟି ବର୍ଷସାରା ସୂର୍ଯ୍ୟୋଦୟ ସମୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଖୋଲା ରହିଥାଏ। ବର୍ଷକୁ ପ୍ରାୟ ଏକ ଲକ୍ଷ ପାଖାପାଖି ଭାରତୀୟ ପର୍ଯ୍ୟଟକ ଏଠାକୁ ବୁଲି ଆସୁଥିବା ସୂଚନା ରହିଛି। ସେହିପରି ବର୍ଷକୁ ୪୦ରୁ ୪୫ ହଜାର ପର୍ଯ୍ୟନ୍ତ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସୁଥିବା ଅନୁମାନ ମଧ୍ୟ କରାଯାଏ। ତା'ଛଡ଼ା ଉକ୍ତ ଅଭୟାରଣ୍ୟ ମଧ୍ୟରେ ଖାଇବା, ପିଇବା ଓ ରହିବା ପାଇଁ ବି ସୁବିଧା ରହିଛି।















# ତାସ୍‌ରେ ତିଆରି ଫ୍ଲାୱାର ଭେସ୍

ଏହି ଫ୍ଲାୱାର ଭେସ୍‌ଗୁଡିକୁ ଦେଖିଲେ ଭାବିବେ ଚାଇନାର ସେରାମିକ୍ ଭେସ୍ ବୋଲି। ହେଲେ ଏଗୁଡିକ ସେରାମିକରେ ତିଆରି ନୁହେଁ। ବରଂ ଜଣେ କଳାକାର ଏହାକୁ ତିଆରି କରିଛନ୍ତି ତାସ୍‌ରେ। ତାସ୍ ପତାକୁ ଭିନ୍ନ ଶୈଳୀରେ ଫୋଲ୍ଡ କରି ତାକୁ ଗୋଟିକ ଉପରେ ଗୋଟିଏ ଖଞ୍ଜି କରି ରଖି ସେ ଏହି ଭେସ୍‌ଗୁଡିକ ତିଆରି କରିଛନ୍ତି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ଚାଇନା, କିଆଂଜିଆଂର ୬୫ ବର୍ଷ ବୟସ୍କ ଝାଙ୍ଗ କେହୁଆ। ସେ ପେସାରେ ଜଣେ ଘର ତିଆରି କରୁଥିବା ମିସ୍ତ୍ରି। ଏବେ ବୟସ ହେବାରୁ ସେ ଏହି କାମ ଆଉ କରୁ ନାହାନ୍ତି। ତେଣୁ ଅବସର ସମୟରେ ସେ ପୁରୁଣା ପ୍ଲାଷ୍ଟିକ ତାସ୍ ପତାକୁ ଫୋଲ୍ଡ କରି ଏହି ଭେସ୍‌ଗୁଡିକୁ ତିଆରି କରୁଛନ୍ତି। ଏହି ଭେସ୍‌ଗୁଡିକରେ ସୁନ୍ଦର କାରୁ କାର୍ଯ୍ୟ ବି ଦେଖିପାରିବେ। ତାଙ୍କ କାରୁକାର୍ଯ୍ୟ ଭିତରେ ୧୦୬ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ଭେସ୍ ବି ରହିଛି। ଏଥିରେ ସେ ୫୦୦୦ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ତାସ ପତା ବ୍ୟବହାର କରିଛନ୍ତି। ଆଉ ଏହାକୁ ଶେଷ କରିବା ପାଇଁ ତାଙ୍କୁ ଏକ ସପ୍ତାହ ଲାଗିଯାଇଥିଲା।







## କାର୍ଟୁନ କର୍ନର



# ସାନିଟାଇଜର୍ ଏମିତିବି

ଏବେ ଆମ ଜୀବନ ସହ ସାନିଟାଇଜର୍ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଇଛି। ତେଣୁ ବଜାରରେ ବିଭିନ୍ନ କମ୍ପାନୀର ସାନିଟାଇଜର୍ ଉପଲବ୍ଧ ହେଉଛି। ତେବେ ଆବଶ୍ୟକତାକୁ ନଜରରେ ରଖି ଏବେ କିଛି ଭିନ୍ନ ଧରଣର ସାନିଟାଇଜର୍ ଓ ସାନିଟାଇଜର୍ ଡିସପେନ୍ସର୍ ଡିଜାଇନ୍ କରାଯାଇଛି, ଯାହା ଯେତିକି ଜରୁରୀ ତାକୁ ବ୍ୟବହାର କରିବା ସେତିକି ମଜାଦାର ବି...







**ପେଣ୍ଟ ବ୍ରଶ ଭଳି ସାନିଟାଇଜର୍:** ଏହି ହ୍ୟାଣ୍ଡ ସାନିଟାଇଜର୍ର ବୋତଲଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏକ ଆର୍ଟ ସେଟ୍ ଭଳି ଦେଖାଯାଏ। ଗ୍ରାଡିଏଣ୍ଟ କଲର୍ର ବୋତଲ ସହ ତା'ଉପରେ ହୋଇଥିବା କାର୍ଟୁନ୍ର ଚିତ୍ର ବେଶ୍ କୌତୁକିଆ ଲାଗେ। ସାଧାରଣତଃ ସାନିଟାଇଜର୍ ବୋତଲ ଉପରେ ଏକ ହ୍ୟାଣ୍ଡ ପମ୍ପ ଥାଏ। କିନ୍ତୁ ଏହି ସାନିଟାଇଜର୍ ବୋତଲ ଉପରେ ଗ୍ରାଡିଏଣ୍ଟ କଲର୍ର ପେଣ୍ଟ ବ୍ରଶ ରହିଛି। ଏଥିରୁ ନାଚୁରାଲ ପିଏଚ୍ ରେସ୍ପନ୍ସିଭ୍ ପିଗ୍ମେଣ୍ଟ ନିର୍ଗତ ହୁଏ। ତାହାକୁ ହାତରେ ଘଷିଲେ ତା'ର ରଙ୍ଗ ପରିବର୍ତ୍ତନ ହେବା ସହ ହାତ ସାନିଟାଇଜ୍ ହୋଇଯିବ।

**ଡୋର୍ ହ୍ୟାଣ୍ଡେଲ ସାନିଟାଇଜର୍:** ଘରୁ ବାହାରକୁ ଯିବାବେଳେ ହଉ ଅବା ଘର ଭିତରକୁ ଆସିବା ସମୟରେ ଡୋର୍ ହ୍ୟାଣ୍ଡେଲ ଧରିବାକୁ ପଡ଼ିଥାଏ। ଆଉ ଡୋର୍ ହ୍ୟାଣ୍ଡେଲରେ ଭାଇରସ୍ ରହିବାର ଆଶଙ୍କା ଅଧିକ ଥାଏ। ଆଉ ଏଠାରୁ ସଂକ୍ରମଣ ବଢ଼ିବା ଆଶଙ୍କା ବି ଥାଏ। ତେଣୁ ଡିଜାଇନ୍ ହୋଇଛି ଡୋର୍ ହ୍ୟାଣ୍ଡେଲ ସାନିଟାଇଜର୍, ଯଦ୍ୱାରା ଡୋର୍ର ହ୍ୟାଣ୍ଡେଲ ୟୁଭି ରେ' ଦ୍ୱାରା ଆପେ ସାନିଟାଇଜ୍ ହୋଇଯାଏ। ଏହାବାଦ ଆଉ କିଛି ଡୋର୍ ହ୍ୟାଣ୍ଡେଲ ସାନିଟାଇଜର୍ରେ ହ୍ୟାଣ୍ଡେଲଟି ସ୍ପଞ୍ଜରେ କଭର୍ ହୋଇଥାଏ। ଉକ୍ତ ସ୍ପଞ୍ଜକୁ ଚାପିଲେ ସେଥିରୁ ସାନିଟାଇଜର୍ ବାହାରି ହାତକୁ ସାନିଟାଇଜ୍ କରିଦିଏ।

**ଡୋର୍ ବେଲ୍ ସାନିଟାଇଜର୍:** ଜର୍ମ ଲୁଚିବା ପାଇଁ ଆଉ ଏକ ଭଲ ସ୍ଥାନ ହେଉଛି ଡୋର୍ ବେଲ୍। ଏଠାରୁ ମଧ୍ୟ ଜର୍ମ ବ୍ୟାପିବାର ଆଶଙ୍କା ଥାଏ। ଏହାକୁ ନଜରରେ ରଖି ଡିଜାଇନ୍ କରାଯାଇଛି ଡୋର୍ ବେଲ୍ ସାନିଟାଇଜର୍। ଏଥିରେ ଅଟୋମେଟିକ୍ ହ୍ୟାଣ୍ଡ ସାନିଟାଇଜର୍ ଡିସପେନ୍ସର ସଂଯୁକ୍ତ କରାଯାଇଛି। ଫଳରେ ଡୋର୍ବେଲ୍ ବଜାଇବା ସହ ହାତ ବି ସାନିଟାଇଜ୍ ହୋଇଯିବ।



**ମୋବାଇଲ୍ ସାନିଟାଇଜର୍:** ମୋବାଇଲ୍ରେ ଥାଆନ୍ତି ଲକ୍ଷଲକ୍ଷ ଜୀବାଣୁ କୀଟାଣୁ। ହାତକୁ ଭଲଭାବେ ସାନିଟାଇଜ୍ କରି ଯେବେ ଆମେ ମୋବାଇଲ୍ ଧରୁ ମୋବାଇଲରୁ ଜର୍ମ ହାତକୁ ଚାଲିଆସେ। ତେଣୁ ମୋବାଇଲ୍ ସାନିଟାଇଜ୍ କରିବା ବି ନିହାତି ଜରୁରୀ। ଏହାକୁ ନଜରରେ ରଖି ଏକାଥରେ ୬ଟି ମୋବାଇଲ୍ ସାନିଟାଇଜ୍ ହୋଇପାରିବା ଭଳି 'ସେଣ୍ଟର୍ପିସ୍' ନାମକ ଏକ ସାନିଟାଇଜ୍ ମେସିନ୍ ଡିଜାଇନ୍ ହୋଇଛି। ଏହି ମୋବାଇଲ୍ ସାନିଟାଇଜର୍ ମେସିନ୍ରେ ମୋବାଇଲ୍ ରଖିଦେଲେ ସେଥିରୁ ନିର୍ଗତ ୟୁଭି ରେ' ଦ୍ୱାରା ମୋବାଇଲ୍ ସାନିଟାଇଜ୍ ହୋଇଯିବ।



**ବବଲ୍ ପାର୍ଟି ସାନିଟାଇଜର୍:** ଆଜିକାଲି ଘରକୁ କେହି ଆସିଲେ ଦ୍ୱାର ମୁହଁରେ ହ୍ୟାଣ୍ଡ ସାନିଟାଇଜର୍ ଧରି ସ୍ୱାଗତ କରିବାକୁ ପଡୁଛି। ଯାହାକି ନିଜକୁ ବି ଖରାପ ଲାଗୁଛି। କିନ୍ତୁ ଏହି ବବଲ୍ ପାର୍ଟି ସାନିଟାଇଜର୍ ଦ୍ୱାରା ସାନିଟାଇଜ୍ ହେବା ଏକ ଖେଳ ଭଳି ଲାଗିବ। ଆଉ ମଜାରେ ମଜାରେ ହାତ ସାନିଟାଇଜ୍ ହୋଇଯିବ। ଗେଷ୍ଟ ଏହି ମେଶିନ୍ ପାଖରେ ହାତ ହଲାଇଦେଲେ ସାନିଟାଇଜର୍ ଡିସ୍ପେନ୍ସର୍ରୁ ବବଲ୍ ବା ଫୋଟକା ଭଳି ସାନିଟାଇଜର୍ ବାହାରିବ। ଆଉ ତାକୁ ଧରି ଫୁଟାଇଦେଲେ ହାତ ସାନିଟାଇଜ୍ ହୋଇଯିବ।

**ସିଓ୍ୱିଡ୍ କ୍ୟାପ୍ସୁଲ ସାନିଟାଇଜର୍:** ଏହାକୁ ଲିକ୍ୟୁଡ୍ କ୍ୟାପ୍ସୁଲ ଭଳି ଡିଜାଇନ୍ କରାଯାଇଛି। ଏହାକୁ କୌଣସି ବୋତଲ ଅବା ପବ୍ଲିକ୍ ଡିସପେନ୍ସର୍ ମେସିନ୍ରେ ଉପଲବ୍ଧ କରାଯିବ। ଏହି କ୍ୟାପ୍ସୁଲକୁ ହାତ ଉପରେ ଫଟାଇଲେ ସେଥିରୁ ସାନିଟାଇଜର୍ ବାହାରିବ। ଆଉ ହାତ ସାନିଟାଇଜ୍ ହୋଇଯିବ। ଏହି ସାନିଟାଇଜର୍ର ଉପର କଭର୍ ପ୍ଲାଷ୍ଟିକ୍ରେ ନ ହୋଇ ସିଓ୍ୱିଡ୍ରେ ହେବ।







# ରକ୍ତ ସ୍ନାନ କରୁଥିବା ରାଣୀ

ଇତିହାସ ପୃଷ୍ଠାରେ ଦବି ରହିଛି ଅନେକ ରହସ୍ୟ । କିଛି ଘଟଣା ତ ଏମିତି ବି ଘଟିଛି ; ଯାହା ଆଜି ବି ସ୍ତମ୍ଭୀଭୂତ କରିଦିଏ ସମସ୍ତଙ୍କୁ। ଯେମିତି କି ଜଣେ ମହାରାଣୀ ଥିଲେ ଯେ କି ଶହ ଶହ କୁମାରୀ ଯୁବତୀଙ୍କୁ ହତ୍ୟା କରି ତାଙ୍କ ରକ୍ତରେ ସ୍ନାନ କରିଥିଲେ। ବିଶ୍ୱାସ ଥିଲା ଏଭଳି କଲେ ସେ ରହିବେ ଆଜୀବନ ସୁନ୍ଦରୀ । ତା'ସହ ବାର୍ଦ୍ଧକ୍ୟ ଆସିବ ନାହିଁ। ଏହି ରାଣୀଙ୍କ ନାମ ଥିଲା ଏଲିଜାବେଥ୍ ବାଥୋରୀ। ସେ ହଙ୍ଗେରୀ ରାଜପରିବାରର ଥିଲେ। କୁହାଯାଏ ଏହି ରାଣୀ ଏତେ କ୍ରୂର ଥିଲେ ଯେ, ଯୁବତୀଙ୍କୁ ହତ୍ୟା କରିବା ପରେ ମୃତ ଶରୀରରୁ ମାଂସ ନିଜ ଦାନ୍ତରେ ଚୋବାଇ ବାହାର କରିଦେଉଥିଲେ। ଆଉ ରକ୍ତରେ ସ୍ନାନ କରୁଥିଲେ। ଏହି କୁକର୍ମରେ ତାଙ୍କୁ ତିନିଜଣ ଚାକର ସାହାଯ୍ୟ କରୁଥିଲେ। ଏଲିଜାବେଥ୍ଙ୍କ ସ୍ୱାମୀ ହଙ୍ଗେରୀର ଜାତୀୟ ହିରୋଭାବେ ପରିଚିତ ଥିଲେ। କାରଣ ସେ ତୁର୍କୀ ବିରୋଧରେ ହୋଇଥିବା ଯୁଦ୍ଧରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଲିଜାବେଥ୍ ଏଭଳି ସମ୍ଭ୍ରାନ୍ତ ପରିବାରର ହୋଇଥିବାରୁ ସେ ଆଖପାଖ ଗାଁର ଗରିବ ଯୁବତୀଙ୍କୁ ଭଲ ଦରମାରେ ଚାକିରି ଦେବା ବାହାନାରେ ମହଲ ଡକାଉଥିଲେ। ଆଉ ମହଲକୁ ଆସିଯିବା ପରେ ସେହି ଯୁବତୀ ଆଉ କେବେ ଫେରୁ ନ ଥିଲେ। କାରଣ ଏଲିଜାବେଥ୍ ସେମାନଙ୍କୁ ହତ୍ୟା କରିଦେଉଥିଲେ। ଏଭଳି ଲଗାତର କରିବାଦ୍ୱାରା ଯେବେ ଯୁବତୀମାନଙ୍କ ସଂଖ୍ୟା କମିବାରେ ଲାଗିଲା ଓ ଗାଁଗୁଡ଼ିକରେ ସନ୍ଦେହ ବଢ଼ିଲା ଏଲିଜାବେଥ୍ ଉଚ୍ଚ ଖାନ୍‌ଦାନ୍‌ର ଝିଅଙ୍କୁ ବିଭିନ୍ନ ଆଳରେ ଶିକାର କରିବା ଆରମ୍ଭ କଲେ। ଏଭଳି ଯୁବତୀମାନେ ରହସ୍ୟଜନକଭାବେ ଉଭାନ ହେବା ସମସ୍ତଙ୍କ ସନ୍ଦେହ ବଢେଇଥିଲା। ଆଉ ହଙ୍ଗେରୀ ରାଜା ଏହାର ଯାଞ୍ଚ କରିବାକୁ କହିଥିଲେ। ଯେତେବେଳେ ଯାଞ୍ଚକର୍ତ୍ତା ଏଲିଜାବେଥଙ୍କ ମହଲରେ ପହଞ୍ଚିଲେ ସେଠାକାର ଦୃଶ୍ୟ ଦେଖି ଚକିତ ହୋଇଯାଇଥିଲେ। ମହଲରୁ ସେମାନେ ଅନେକ ନର କଙ୍କାଳ ଓ ସୁନା ରୁପାର ଆଭୂଷଣ ପାଇଥିଲେ। ୧୬୧୦ ମସିହାରେ ଏଲିଜାବେଥ୍ଙ୍କୁ ତାଙ୍କ ଘୃଣ୍ୟ କାମ ପାଇଁ ଗିରଫ କରାଯାଇଥିଲା। ତାଙ୍କୁ ଫାଶି ନ ଦିଆଯାଇ ତାଙ୍କରି ମହଲର ଏକ କୋଠରିରେ ବନ୍ଦ କରି ରଖି ଦିଆଗଲା। ଏହାର ଚାରିବର୍ଷ ପରେ ୨୧ ଅଗଷ୍ଟ, ୧୬୧୪ରେ ଏଲିଜାବେଥ୍ଙ୍କ ମୃତ୍ୟୁ ହୋଇଗଲା।

# ହେଡ୍‌ଷ୍ଟାଣ୍ଡ କରି ବାଇକ ଚାଳନା



ବ୍ୟାକ୍ ପେଜ୍

ବାଇକ୍ ଚଳାଇଲାବେଳେ ମୁଣ୍ଡରେ ହେଲ୍‌ମେଟ୍ ଲଗାଇବା ସହ ସତର୍କତା ଅବଲମ୍ବନ କରି ଚଳାଇବାକୁ ହୁଏ। କାରଣ ଟିକେ ଏପଟ ସେପଟ ହେଲେ ଦୁର୍ଘଟଣା ହେବାର ଆଶଙ୍କା ଥାଏ। କିନ୍ତୁ ଜଣେ ବ୍ୟକ୍ତି ବାଇକ୍‌କୁ ଏତେ ବିପଜ୍ଜନକଶୈଳୀରେ ଚଳାଉଛନ୍ତି ଯେ, ତାହା ନ ଦେଖିଲେ ବିଶ୍ୱାସ ହେବ ନାହିଁ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ହାମ୍‌ସଫାୟର୍‌ର ୩୧ ବର୍ଷ ବୟସ୍କ ମାର୍କୋ ଜର୍ଜ। ସେ ବାଇକ୍ ଉପରେ ହେଡ୍‌ଷ୍ଟାଣ୍ଡ କରି ବା ମୁଣ୍ଡରେ ଠିଆ ହୋଇ ଚଳାଇ ପାରନ୍ତି। ଏହିଭଳିଭାବେ ରହି ସବୁଠାରୁ ଦ୍ରୁତଗତିରେ ବାଇକ୍ ଚଳାଇ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ବି ପାଇଛନ୍ତି। ଏହି ରେକର୍ଡ ସେ ତିନି ଥର କଲେଣି। ଆଉ ପ୍ରତିଥର ସେ ନିଜ ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କରିଥାନ୍ତି। ଏବେ ସେ ହେଡ୍‌ଷ୍ଟାଣ୍ଡ କରି ଘଣ୍ଟା ପ୍ରତି ୧୨୨.୫୯ କି.ମି. ବେଗରେ ବାଇକ ଚଳାଇ ନୂଆ ରେକର୍ଡ କରିଛନ୍ତି। ଏଭଳି ବାଇକ୍ ଚଳାଇବା ସତରେ କୌଣସି ବିସ୍ମୟଠାରୁ କମ୍ ନୁହେଁ।





# କୁକୁରର ଚମତ୍କାର ବାଲାନ୍ସ

ମୁଣ୍ଡରେ ଗିଲାସେ ପାଣି ରଖି ସନ୍ତୁଳନ ରକ୍ଷା କରି ଚାଲିବା ମଣିଷ ପକ୍ଷେ ବହୁତ କଷ୍ଟକର। ହେଲେ ଏଭଳି କାର୍ଯ୍ୟକୁ ଏକ କୁକୁର ବେଶ୍ ସହଜତାର ସହ କରିପାରୁଛି। ଏହି କୁକୁରଟି ହେଉଛି ଆମେରିକାର ସ୍ୱିଟ୍ ପି'। ଏହା ଅଷ୍ଟ୍ରେଲିଆନ୍ ସେଫର୍ଡ ଓ ବର୍ଡର କୋଲିର ଏକ କ୍ରସ୍ ବ୍ରିଡ୍ କୁକୁର ଅଟେ। ସ୍ୱିଟ୍ ପି'ର ସନ୍ତୁଳନ ରକ୍ଷା କ୍ଷମତା ବେଶ୍ ଚମତ୍କାର। ସେ ନିଜ ମୁଣ୍ଡରେ ପାଣି ଗ୍ଲାସ୍ ରଖି ୧୦ଟି ପାହାଚ ଓହ୍ଲାଇ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହାବାଦ୍ ସେ ମୁଣ୍ଡରେ ଏକ କ୍ୟାନ୍ ରଖି ୧୦୦ ମିଟର୍ ଦୂରତାକୁ ମାତ୍ର ୨ ମିନିଟ୍ ୫୫ ସେକେଣ୍ଡରେ ପାର୍ ହୋଇ ଆଉ ଏକ ରେକର୍ଡ ମଧ୍ୟ ନିଜ ନାମରେ କରିଛି। ସ୍ୱିଟ୍ ପି'ର ଏହି ବିଶେଷତ୍ୱ ପାଇଁ ଆଜି ସେ ସାରା ପୃଥିବୀରେ ବେଶ୍ ଚର୍ଚ୍ଚିତ।